୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

Vol.27. No.39 Bhubaneswar Wednesday March 19 2025 | ୨୭ତମ ବର୍ଷ ସଂଖ୍ୟା–୩୯ ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧୯, ୨୦୨୫ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS





ଯାଜପୁର ଜିଲ୍ଲା ବିଜେପି ପୂର୍ବତନ ସଭାପତି ଶ୍ରୀ ପବିତ୍ର ମୋହନ ଦାସଙ୍କ ପିତା ସ୍ୱର୍ଗତ ଭରତ ଚରଣ ଦାସଙ୍କ ଏକାଦଶାହ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ରାଷ୍ଟ୍ରୀୟ ପତ୍ରକାର ମହାସଂଘର ଜାତୀୟ ସଭାପତି ଡକ୍ଟର ପବିତ୍ର ମୋହନ ସାମନ୍ତରାୟ, ଯାଜପୁର ଜିଲ୍ଲା ବିଜେପି ସଭାପତି ଶ୍ରୀମତୀ ଦେବଯାନୀ ପ୍ରଧାନ, ପୂର୍ବତନ ସଭାପତି ଗୌତମ ରାୟ, ପୂର୍ବତନ ବଡ଼ଚଣା ମଣ୍ଡଳ ସଭାପତି ନୀଳମଣି ବଳ, ଧର୍ମଶାଳା ବିଜେପି ନେତ୍ରୀ ସ୍ମୃତିରେଖା ପହି, ଶିକ୍ଷାବିକାଶ ସମିତି ପ୍ରବନ୍ଧକ ଅରବିନ୍ଦ ସେଣ୍ଠ, କ୍ଷେତ୍ରପାଳ ପୂର୍ବତନ ସରପ□ ଅଶୋକ ସାହୁ, ଦି କଳିଙ୍ଗ କ୍ରୋନିକିଲର ପ୍ରକାଶକ ଅରବିନ୍ଦ ନେକପ, ଦୈନିକ ପର୍ଯ୍ୟବେକ୍ଷକର ଭୁବନେଶ୍ୱର ପ୍ରତିନିଧି ପ୍ରିୟବ୍ରତ ନାୟକ, ବିଜେପି ନେତା ରତିକାନ୍ତ ଦାସ ପ୍ରମୁଖ ତାଙ୍କ ପୈତୃକ ନିବାସ କୋଟପୁର ପ□ାୟତର ଭାବିଲେ ଗ୍ରାମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।

# ଅଣସଂରକ୍ଷିତ ପଦବୀରେ ସଂରକ୍ଷିତ ବର୍ଗର ଅଧିକାରୀଙ୍କୁ ପଦୋନ୍ନତି ନେଇ ବିବାଦ




ଭୁବନେଶ୍ୱର,୧୮ ।୩(ପି.ଏନ): ସରକାରୀ ଅଧିକାରୀଙ୍କ ପଦୋନ୍ନତି ନେଇ ଅନିୟମିତତା । ଖୋଲାଖୋଲି ସୁପ୍ରିମକୋର୍ଟଙ୍କ ଆଦେଶର ଉଲଂଘନ କଲେ ମୋହନ ସରକାର ! କୌଣସି ଆଇନ, ଅଧିନିୟମ ବା ଅଦାଲତର ରାୟର ଆଧାର ନ ଥାଇ ୪ଟି ବିଭାଗରେ ୧୧୫ ଜଣ ମେରିଟ୍ ବିହୀନ ସଂରକ୍ଷିତ ବର୍ଗ ଅଧିକାରୀଙ୍କୁ ଅଣସଂରକ୍ଷିତ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ପଦବୀରେ ପଦୋନ୍ନତି ଦେବାକୁ ବିଭାଗ ସରକାରଙ୍କୁ ସୁପାରିସ କରିଛି । ଯାହାକୁ ନେଇ ମୁଣ୍ଡ ଟେକିଛି ବିବାଦ । ଓଡ଼ିଶା ସଚିବାଳୟ ସେବାର ପୂର୍ବତନ ଅଧିକାରୀଙ୍କ ଅଭିଯୋଗ ଗତବର୍ଷ ସେପ୍ଟେମ୍ବର ୧୧ ତାରିଖରେ ତତ୍କାଳୀନ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ପ୍ରମୁଖ ସଚିବ ସଂରକ୍ଷିତ ବର୍ଗର କର୍ମଚାରୀଙ୍କ ପଦୋନ୍ନତି ନେଇ ସବୁ ବିଭାଗକୁ ଚିଠି ଲେଖିଲେ । ଅଭିଯୋଗ ହୋଇଛି ତତ୍କାଳୀନ ଏସ୍ଟି-ଏସ୍ସି ବିଭାଗ ସଚିବଙ୍କ ଆଦେଶକୁ ପାଳନ କରି ଅର୍ଥ ବିଭାଗରେ ୨୬ ଜଣଙ୍କୁ, ପୂର୍ତ୍ତ ବିଭାଗରେ ୫୧, ସାମାଜିକ ନ୍ୟାୟ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗରେ ୪ ଓ ଗୃହ ବିଭାଗରେ ୩୪ ଜଣ ସଂରକ୍ଷିତ ବର୍ଗର ଅଧିକାରୀଙ୍କୁ ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ପଦବୀରେ ପଦୋନ୍ନତି ପ୍ରକ୍ରିୟା ଆରମ୍ଭ ହୋଇଛି । ପୂର୍ତ୍ତ ବିଭାଗର ଅନିୟମିତତା ନେଇ ଓଡ଼ିଶା ହାଇକୋର୍ଟରେ ମାମଲା ଦାଏର ପରେ ବିଭାଗୀୟ ପଦୋନ୍ନତି ଚୟନକମିଟି ବୈଠକକୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ରହିତାଦେଶ ଜାରି କରିଛନ୍ତି ।ଏବେ ପଦୋନ୍ନତି ପୋଷ୍ଟ ବେସଡ୍ ଖାଲିଥିବା ପଦବୀ ଆଧାରରେ ପଦୋନ୍ନତି ବିଚାର କରାଯାଉଛି । ଆଇନଜୀବୀଙ୍କ ମତରେ ସାଧାରଣ ବର୍ଗର ପିଲାଙ୍କ ସହ ଚୟନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଚାକିରି ପାଇଥିବା ମେରିଟୋରିଅସ୍ ରିଜର୍ଭ କ୍ୟାଣ୍ଡିଡେଟ-ଏମ୍ଆର୍ସି ଏକପ୍ରକାର ପଦୋନ୍ନତି କ୍ଷେତ୍ରରେ ସାଧାରଣ ବର୍ଗଙ୍କ ପଦବୀରେ ଅବସ୍ଥାପିତ ହୋଇପାରିବେ । ଏ ନେଇ ହାଇକୋର୍ଟ ଓ ସୁପ୍ରିମକୋର୍ଟ ବହୁବାର ରାୟ ଦେଇଛନ୍ତି । କିନ୍ତୁ ସଂରକ୍ଷିତ ବା ଆର୍ସି ବର୍ଗରେ ଚାକିରି ପାଇଥିବା କର୍ମଚାରୀଙ୍କୁ କୌଣସି ବି ସ୍ଥିତିରେ ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ପଦବୀରେ ପଦୋନ୍ନତି ଦେବାର ନିୟମ ନାହିଁ । ଏହା ସର୍ଭିସ ଅଧିନିୟମର ବି ଉଲଂଘନ । ସରକାର ଏପରି କରିବା ପୂର୍ବରୁ ଆଇନ ବିଭାଗର ପରାମର୍ଶ ସହିତ ଆଡଭୋକେଟ୍ ଜେନେରାଲଙ୍କ ମତାମତ ନେବା ଉଚିତ ଥିଲା । ପଦୋନ୍ନତି କ୍ଷେତ୍ରରେ ଏସ୍ଟିଙ୍କ ପାଇଁ ୨୨.୫ ପ୍ରତିଶତ ସଂରକ୍ଷଣ ଓ ଏସ୍ସି ବର୍ଗଙ୍କ ପାଇଁ ୧୬.୨୫ ପ୍ରତିଶତ ରହିଥାଏ । କୌଣସି ବି ସ୍ଥିତିରେ ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ହେବ ନାହିଁ ବୋଲି ସୁପ୍ରିମକୋର୍ଟ ଏକାଧିକ ଥର ସ୍ପଷ୍ଟ କରିଛନ୍ତି । ତଥାପି ସରକାର ଭୁଲ କରିବା ଦୁର୍ଭାଗ୍ୟଜନକ ।ପଦୋନ୍ନତିକୁ ନେଇ ଏବେ ସରକାରୀଙ୍କ କର୍ମଚାରୀଙ୍କ ଭିତରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି । ଏସ୍ଟି ଓ ଏସ୍ସି କର୍ମଚାରୀଙ୍କୁ ପଦୋନ୍ନତିକୁ ନେଇ କେହି ବିରୋଧ କରୁନାହାନ୍ତି । କିନ୍ତୁ ତାହା ଆଇନର ଗଣ୍ଡି ଭିତରେ ରହୁ ବୋଲି ବହୁ ସରକାରୀ କର୍ମଚାରୀ ମତ ରଖିଛନ୍ତି ।

# ନବ ଦାସ ହତ୍ୟାକାଣ୍ଡ ମାମଲାରେ ମୁହଁ ଖୋଲିଲେ ପୁଅ ବିଶାଳ ଓ ଝିଅ ଦୀପାଳି



ଭୁବନେଶ୍ୱର,୧୮ ।୩(ପି.ଏନ): ନବ ଦାସ ହତ୍ୟାକାଣ୍ଡ ସମ୍ପର୍କରେ ପରିବାର କାହିଁକି ସିବିଆଇ ତଦନ୍ତ ଦାବି କରୁନାହିଁ ବୋଲି ବିଜେପି ବାରମ୍ବାର ପ୍ରଶ୍ନ ଉଠାଉଥିବା ବେଳେ, ତାକୁ ନେଇ ଏବେ ମୁହଁ ଖୋଲିଛନ୍ତି ପୁଅ ବିଶାଳ ଦାସ ଓ ଝିଅ ଦୀପାଳି ଦାସ । ଆଜି କ୍ରାଇମବ୍ରାଞ୍ଚ ଟିମ ନବ ଦାସଙ୍କ ଝାରସୁଗୁଡା ସର୍ବାହଲ ସ୍ଥିତ ଘରେ ଦୀପାଳି, ବିଶାଳ ଓ ତାଙ୍କ ମା ମିନତୀ ଦାସଙ୍କ ବୟାନ ରେକର୍ଡ କରିଥିଲା । ଏହାପରେ ବିଶାଳ ଗଣମାଧ୍ୟମକୁ କହିଛନ୍ତି ଯେ, ବିଜେପି ଆଗରୁ ସିବିଆଇ ତଦନ୍ତ କଥା କହୁଥିଲା । ଏପରିକି ଲେଖିକି ଦେଲେ ସିବିଆଇ ତଦନ୍ତ ହେବ ବୋଲି କହୁଥିଲା । କିନ୍ତୁ ସିବିଆଇ ତଦନ୍ତ ପାଇଁ ଚିଠି ଲେଖି ରଖିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଆପଏଣ୍ଟମେଣ୍ଟ ମିଳିନି । ଆପଏଣ୍ଟମେଣ୍ଟ ମିଳିଲେ ସିବିଆଇ ତଦନ୍ତ ପାଇଁ ଲେଖିଥିବା ଚିଠି ଦିଆଯିବ ବୋଲି ସ୍ପଷ୍ଟ କରିଛନ୍ତି । କ୍ରାଇମବ୍ରାଞ୍ଚ ତରଫରୁ ଗତ ମାର୍ଚ୍ଚ ୧ ତାରିଖରେ ଏକ ଚିଠି ଆସିଥିଲା । ଯେଉଁଥିରେ କ୍ରାଇମବ୍ରାଞ୍ଚ ତାଙ୍କର ବୟାନ ରେକର୍ଡ କରିବା ପାଇଁ ଜଣାଇଥିଲେ ଏବଂ ସ୍ୱର୍ଗତ ନବ ଦାଶଙ୍କ ସ୍ତ୍ରୀ ମିନତୀ ଦାଶ ତାଙ୍କ ଘରେ ବୟାନ ରେକର୍ଡ କରିବା ପାଇଁ ଆବେଦନ କରିଥିଲେ । ତେଣୁ ଦୁଇ ଜଣିଆ ଟିମ ଆସି ତାଙ୍କ ପରିବାରର ଶେଷ ବୟାନ ରେକର୍ଡ କରିଥିବା ଦୀପାଳି କହିଛନ୍ତି ।

## ପାରାଦୀପକୁ ଲୁହାପଥର ଚୋରା ଚାଲାଣ କରୁଥିଲେ ସୁନ୍ଦରୀ ଗ୍ୟାଙ୍ଗ, ମାଡିବସିଲା ପୋଲିସ୍

ଢେଙ୍କାନାଳ,୧୮ ।୩(ପି.ଏନ): ଢେଙ୍କାନାଳ ବାଲିମି ପୋଲିସ ହାତରେ ଲେଡି ଡନ୍ । ଗତକାଲି ତାଳଚେରରୁ ଜଣେ ମହିଳା ଗିରଫ ହୋଇଥିବାବେଳେ ଆଜି ଆଉଜଣକୁ ଗିରଫ କରିଛି ପୋଲିସ୍ । ଟ୍ରାନ୍ସପୋର୍ଟ କରି ରୁଙ୍ଗଟା କାରଖାନାରୁ ପାରାଦୀପକୁ ଲୁହାପଥର ଚୋରା ଚାଲାଣ କରୁଥିଲେ ଏହି ସୁନ୍ଦରୀ ଗ୍ୟାଙ୍ଗ । ଲୁହାପଥର ଲୁଟ କରି ମଙ୍ଗୁଳିରେ ବିକ୍ରି କରୁଥିଲେ । ଚୋରା ଲୁହା ପଥର ମୂଲ୍ୟ ଦେଢ଼ କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି । ମହିଳାଙ୍କ ନାମରେ ବିଭିନ୍ନ ଥାନାରେ ଅଭିଯୋଗ ରହିଛି । ଏହା ସହିତ ଟ୍ରକ୍ ଭଡା ନେଇ ବହୁ ବ୍ୟବସାୟୀଙ୍କୁ ଠକିଥିବା ମଧ୍ୟ ଅଭିଯୋଗ ହୋଇଛି । ତେବେ ଆହୁରି କେତେ ମହିଳା ଏଥିରେ ସଂପୃକ୍ତ ଅଛନ୍ତି ସେନେଇ ତଦନ୍ତ ଚାଲିଥିବା ସୂଚନା ଦେଇଛନ୍ତି ଏସପି । ଗ୍ୟାଙ୍ଗର ମୁଖ୍ୟ ଲେଡି ଡନଙ୍କ ନାଁ ସନ୍ତୋଷ ମହାନ୍ତି । ସନ୍ତୋଷ ଙ୍କ ଘର ତାଳଚେର ଡେରା କଲୋନୀରେ ।

# ବେଧଡକ ଲୁଟ୍ ହେଉଛି ଲଘୁ ଖଣିଜ ସମ୍ପଦ,କୋଟି କୋଟି ଟଙ୍କାର ବାଲି ଲୁଟ୍ କରି ମାଲାମାଲ ମାଫିଆ



ଭୁବନେଶ୍ୱର,୧୮ ।୩(ପି.ଏନ): ଲୁଟ୍ ହେଉଛି ଖଣିଜ ସମ୍ପଦ, ଚୁପ ବସିଛନ୍ତି ସରକାର। ଲଘୁ ଖଣିଜ ସମ୍ପଦ ଲୁଟକୁ ନେଇ କମ୍ପିଲା ବିଧାନସଭା। ବାଲି ଲୁଟ ପ୍ରସଙ୍ଗକୁ ନେଇ ଶୂନ୍ୟକାଳରେ ରାଜ୍ୟ ସରକାରଙ୍କୁ ଘେରିଥିଲେ ବିଜେଡି ବିଧାୟକ। ରତ୍ନଗର୍ଭା ଓଡିଶାକୁ ଲୁଟ ଚାଲିଛି, ସାମିଲ ଅଛନ୍ତି ଶାସକ ଦଳର ସଦସ୍ୟ। ସରକାର ଖଣି ଲୁଟକୁ ସ୍ୱୀକାର କରିବେ କି ବୋଲି ପ୍ରଶ୍ନ କରିଥିଲେ ଗଣେଶ୍ୱର ବେହେରା। ଦୁର୍ନୀତିରେ ସରକାର ଶୂନ୍ୟ ସହନଶୀଳତା ବଦଳରେ ଆପଣାଇଛନ୍ତି ପୂର୍ଣ୍ଣ ସହନଶୀଳତା ନୀତି । ଲୁଟକୁ ରୋକିବା ପାଇଁ ତୁରନ୍ତ ଟାସ୍କଫୋର୍ସ ଗଠନ ସାଙ୍ଗକୁ ଗୃହରେ ବିଭାଗୀୟ ମନ୍ତ୍ରୀ ଉତ୍ତର ରଖନ୍ତୁ ବୋଲି ଦାବି କରିଛନ୍ତି ଗଣେଶ୍ୱର । ସେହିପରି ବାଲି ଚୋରିକୁ କିଏ ରୋକିବ ବୋଲି କହିଥିଲେ ବରିଷ୍ଠ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ । ବିଭିନ୍ନ ରାଜ୍ୟକୁ ଚୋରାଚାଲାଣ ହେଉଛି ବାଲି। ପୂର୍ବରୁ ତହସିଲଦାରଙ୍କ ଅଧିନରେ ଥିଲା ବାଲି ଘାଟ। ହେଲେ ଏହାକୁ ଖଣି ବିଭାଗ ଅଧିନକୁ ଅଣାଯିବା ପରେ ରୋକା ଯାଇପାରୁନି ଚୋରାଚାଲାଣ। ଅନ୍ୟପଟେ ସୀମାରେ ରହିଛି ?ିଲା ସୁରକ୍ଷା ବ୍ୟବସ୍ଥା। ତେଣୁ ସରକାରଙ୍କ ଜାଣତରେ ସବୁ କିଛି ହେଉଛି ବୋଲି ଅଭିଯୋଗ କରିଛି ବିଜେଡି ।ରାଜ୍ୟରେ ୮ ମାସର ବିଜେପି ସରକାରରେ ଲଘୁ ଖଣିଜ ସମ୍ପଦ ଲୁଟକୁ ନେଇ ଉଠିଲା ପଡ଼ିଲା ଶୂନ୍ୟକାଳ। କିପରି ହେଉଛି ବାଲି ଚୋରା ଚାଲାଣ, ତାର ଅନୁଧାନ କରିଥିଲା ବିଧାନସଭା କମିଟି। ହେଲେ ଆଶ୍ଚର୍ଯ୍ୟର କଥା, ବିଧାନସଭା କମିଟି ସହ ବୁଲୁଛନ୍ତି ବାଲି ମାଫିଆ। ତେଣୁ ବାଲି ଚୋରି ରୋକିବାକୁ ଦାବି କରିଛନ୍ତି ବିଜେଡି ଓ କଂଗ୍ରେସ। ଅନ୍ୟପଟେ ସଫେଇ ଦେଇ ଖଣି ମନ୍ତ୍ରୀ କହିଛନ୍ତି ଯେ, ଚୋରା ଚାଲାଣ ରୋକିବାକୁ ପଦକ୍ଷେପ ନେଉଛନ୍ତି ସରକାର। ରାଜ୍ୟରେ ଲଘୁ ଖଣିଜ ପଦାର୍ଥ ହରିଲୁଟ ନେଇ ବିଧାନସଭା ଭିତରେ ଓ ବାହାରେ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଛନ୍ତି ବିରୋଧୀ । ବାଲି ଚୋରା ଚାଲାଣ ସୀମା ଟପିଥିବା ବେଳେ, କେବେ ଭାଙ୍ଗିବ ସରକାରଙ୍କ ନିଦ ତାକୁ ନେଇ ଉଠିଛି ପ୍ରଶ୍ନ।

# ତାତିରୁ ମିଳିବ ଆଶ୍ୱସ୍ତି, କାଲିଠାରୁ ବିଭିନ୍ନ ସ୍ଥାନରେ କୁଆପଥର ବର୍ଷା ସମ୍ଭବନା

ଭୁବନେଶ୍ୱର,୧୮ ।୩(ପି.ଏନ): ତାତିରୁ ମିଳିବ ଆଶ୍ୱସ୍ତି । କୁଆପଥର ବର୍ଷା ସହ ପାଗରେ ହେବ ପରିବର୍ତ୍ତନ । କାଳବୈଶାଖୀର ପ୍ରଭାବରେ ରାଜ୍ୟରେ ହେବ ବର୍ଷା । ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଏବଂ ପବନ ପାଇଁ ସତର୍କତା ଜାରି କରିଛି ପାଣିପାଗ କେନ୍ଦ୍ର । ଗତ ୨୪ ଘଣ୍ଟାରେ ବୌଦ୍ଧ ଜିଲ୍ଲାରେ ୪୦ ଡିଗ୍ରୀ ଉପରେ ତାପମାତ୍ରା ରହିଥିଲା । ଆଗାମୀ ୨୪ ଘଣ୍ଟାରେ କିଛି ଜାଗାରେ ହିଟ ୱେଭ ବି ରହିଛି । ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, ବୌଦ୍ଧ ଜିଲ୍ଲାର କିଛି ସ୍ଥାନରେ ହିଟ ୱେଭ ସତର୍କତା ଜାରି କରାଯାଇଛି । ୧୯ ତାରିଖରେ ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକା ବର୍ଷା ସହ ଘଡଘଡି ବିଜୁଳି ସହ ବର୍ଷା ସମ୍ଭାବନା ରହିଛି । ଆଜି ଏବଂ କାଲି ପାଇଁ କାଳବୈଶାଖ ପାଇଁ ସତର୍କତା ନାହିଁ । ୨୦ ଓ ୨୧ ତାରିଖରେ ହାଲୁକା ବର୍ଷା ଘଡଘଡି ବିଜୁଳି ଝଡ଼ ପବନ ହେବାର ସମ୍ଭାବନା ରହିଛି । ଏହି ସମୟରେ ୪୦ ରୁ ୫୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି । ସେଥିପାଇଁ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଝାରସୁଗୁଡ଼ା, ସୁନ୍ଦରଗଡ, ଦେବଗଡ଼, ବୌଦ୍ଧ ,ଅନୁଗୁଳ ଢେଙ୍କାନାଳ ଓ ଯାଜପୁର ଜିଲ୍ଲାରେ ୩୦ ରୁ ୪୦ କିମି ବେଗରେ ପବନ ବହିବ । ୨୧ ତାରିଖ ରେ ମଧ ବର୍ଷା ଲାଗି ରହିବ । ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ମୟୂରଭଞ୍ଜ ,ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୨ ତାରିଖରେ ସଂପୂର୍ଣ୍ଣ ଓଡ଼ିଶାରେ ବର୍ଷା ସହ କୁଆପଥର ବିଜୁଳି ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି । ସେଥି ପାଇଁ ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ଜିଲ୍ଲାକୁ ଅରେଞ୍ଜ ଓ ଝାରସୁଗୁଡ଼ା, ବରଗଡ, ସମ୍ବଲପୁର, ଦେଓଗଡ, ଅନୁଗୁଳ, ଢେଙ୍କାନାଳ, ଯାଜପୁର, କଟକ, ବାଲେଶ୍ୱର, ଭଦ୍ରକ କେନ୍ଦ୍ରାପଡ଼ା ଏବଂ ଜଗତସିଂହପୁର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ତେବେ ଆଗାମୀ ୨ ରୁ ୩ ଦିନ ଯାଏଁ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ । ୩ ଦିନ ପରେ ବର୍ଷା ପ୍ରଭା ରେ ସ୍ୱାଭାବିକ ତାପମାତ୍ରା ରୁ ୩ ରୁ ୫ ଡିଗ୍ରୀ ଯାଏଁ ତାପମାତ୍ରାରେ ହ୍ରାସ ପାଇବା ସମ୍ଭାବନା ରହିଛି ।

# କେମିତି ଗୋଟିଏ ଗୁଜବ ପରେ ଜଳିଲା ନାଗପୁର ?




ଭୁବନେଶ୍ୱର,୧୮ ।୩(ପି.ଏନ): ମହାରାଷ୍ଟ୍ରର ନାଗପୁରରେ ଏବେ ସାଂପ୍ରଦାୟିକ ଉତ୍ତ?ଜନା ତୀବ୍ର ସ୍ଥିତିରେ ପହଞ୍ଚିଛି। ସୋମବାର ସନ୍ଧ୍ୟାରେ ହିଂସା ଘଟିବା ପରେ ନାଗପୁରର ବିଭିନ୍ନ ସ୍ଥାନରେ କର୍ଫ୍ୟୁ ଲାଗୁ କରାଯାଇଛି। ମହାରାଷ୍ଟ୍ରରୁ ମୋଗଲ ସମ୍ରାଟ ଔରଙ୍ଗଜେବଙ୍କ କବର ହଟାଇବା ଦାବିରେ ବିଭିନ୍ନ ହିନ୍ଦୁ ସଂଗଠନ ସୋମବାର ଆଳନ କରିଥିଲେ। ବାସ୍ ଏହାକୁ ନେଇ ସ୍ଥିତି ଉତ୍ତ?ଜନାପୂର୍ଣ୍ଣ ରହିଥିବା ବେଳେ ସନ୍ଧ୍ୟା ସମୟରେ ଏହା ବିସ୍ଫୋରକ ରୂପ ନେଇଥିଲା ।ପୁଲିସ୍ ? ୬୦ ଜଣ ଦଙ୍ଗାକାରୀଙ୍କୁ ଗିରଫ କରିଥିବା ବେଳେ ୩୦ରୁ ଅଧିକ ଗାଡି ପୋଡି ଜଳି ପାଉଁଶ ହୋଇଯାଇଛି। ସହରର ମହାଲ ଅଞ୍ଚଳରେ ଦୁଇ ସଂପ୍ରଦାୟ ମଧ୍ୟରେ ପ୍ରବଳ ସଂଘର୍ଷ ଦେଖିବାକୁ ମିଳିଛି। ଦଙ୍ଗାକୁ ପ୍ରଶମିତ କରିବା ପାଇଁ ପୁଲିସ୍ ? ଲୁହ ବୁହା ଗ୍ୟାସ ସହ ଲାଠି ଚାର୍ଜ କରିଛି। ସାଂପ୍ରଦାୟିକ ଉତ୍ତ?ଜନା ରାଜନୀତିକ ବାକଯୁଦ୍ଧକୁ ମଧ୍ୟ ଜନ୍ମ ଦେଇଛି।

# ପଦାରେ ପଡିଲା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅପାରଗତା,ପୁଣି ପ୍ରଶ୍ନପତ୍ର ଲିକ୍ ଅଭିଯୋଗ



ଭୁବନେଶ୍ୱର,୧୮ ।୩(ପି.ଏନ): ପୁଣି ପ୍ରଶ୍ନପତ୍ର ଲିକ । ପଦାରେ ପଡିଲା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅପାରଗତା । ସୋସିଆଲ ମିଡ଼ିଆରେ ଘୁରି ବୁଲୁଛି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପରୀକ୍ଷା ପ୍ରଶ୍ନପତ୍ର । ପରୀକ୍ଷାର ୨ରୁ ୩ ଦିନ ପୂର୍ବରୁ ୟୁଟ୍ୟୁବରେ ଅପଲୋଡ଼ ହେଉଛି ପ୍ରଶ୍ନ ପତ୍ର ସହିତ ଉତ୍ତର। ଯାହାକୁ ନେଇ ପୁଣି ରାଜ୍ୟ ବିଦ୍ୟାଳୟ ଗଣଶିକ୍ଷା ବିଭାଗର ଅପାରଗତା ପଦାରେ ପଡିଛି । ଭଦ୍ରକ ଜିଲ୍ଲାରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ବାର୍ଷିକ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଓ ତାର ଉତ୍ତର ୨ ରୁ ୩ ଦିନ ପୂର୍ବରୁ ଆସି ଯାଉଛି ୟୁଟ୍ୟୁବ ଚ୍ୟାନେଲରେ । ଯାହା ଉଭୟ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅବିଭାବକଙ୍କୁ ଆଶ୍ଚର୍ଯ୍ୟ କରିଛି। ଛାତ୍ରଛାତ୍ରୀ ମାନେ ବର୍ଷ ତମାମ ଯାହା ପଢ଼ନ୍ତି ତାର ଉତ୍କର୍ଷତା ଦେଖାଇବା ପାଇଁ ବାର୍ଷିକ ପରୀକ୍ଷା କରାଯାଇଥାଏ। ସେଥିପାଇଁ ଛାତ୍ରଛାତ୍ରୀ ମାନେ ପରୀକ୍ଷା ପୂର୍ବରୁ ପ୍ରସ୍ତୁତ ହୋଇ ରହିଥାନ୍ତି। ତେବେ ଚଳିତ ବର୍ଷ ପିଲା ମାନଙ୍କୁ ଆଉ ପରିଶ୍ରମ କରିବାକୁ ପଡୁ ନାହିଁ । ଆଜିର ପରୀକ୍ଷାର ଉତ୍ତର ଗତ କାଲି ଠାରୁ ଗୋଟିଏ ନିର୍ଧିଷ୍ଟ ୟୁଟ୍ୟୁବ ଚ୍ୟାନେଲରେ ଆସି ଯାଉଛି । ଆଉ ପିଲା ତାହା ଦେଖି ଓ ଲେଖି ପରୀକ୍ଷା କେନ୍ଦ୍ର କୁ ଆସି ପରୀକ୍ଷା ସମୟ ଶେଷ ହେବା ପୂର୍ବରୁ ଉତ୍ତର ଲେଖି ପଳାଇ ଯାଉଛନ୍ତି ।ଏମିତି ଘଟଣା ଗତ ତିନି ଦିନ ହେବ ଦେଖା ଯାଉ ଥିଲେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଆଜି ସପ୍ତମ ଶ୍ରେଣୀର ଗଣିତ ପରୀକ୍ଷା ଥିଲା। ଯାହା ପ୍ରଶ୍ନ ପଡିଥିଲା ତାର ଉତ୍ତର ଗତ ୩ ଦିନ ପୂର୍ବରୁ ନଲେଜ୍ ୱିଥ୍ ନିଲୁ ନାମକ ୟୁଟ୍ୟୁବ ଚ୍ୟାନେଲରେ ଆସିଥିଲା । ଯାହାକୁ ନେଇ ଅବିଭାବକଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ତେବେ ଏହି ପ୍ରଶ୍ନପତ୍ର ପରୀକ୍ଷାର ତିନି ଦିନ ପୂର୍ବରୁ ସଂପୃକ୍ତ ଚ୍ୟାନେଲ ହାତକୁ ଗଲା ତାହା ଏବେ ବଡ଼ ପ୍ରଶ୍ନ ପାଲଟିଛି ।ଯଦି ପ୍ରଶ୍ନ ପତ୍ର ଲିକ କରିବାର ଥିଲା ତେବେ ରାଜ୍ୟ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ କାହିଁକି ପରୀକ୍ଷା କରାଉଛି ତାହା ମଧ୍ୟ ପ୍ରଶ୍ନ ଉଠିଛି । କେବଳ ଅଙ୍କ ନୁହଁ ଆଗାମୀ ଦିନରେ ଥିବା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପରୀକ୍ଷା ପ୍ରଶ୍ନ ୟୁଟ୍ୟୁବ ଚାନେଲରେ ଅପଲୋଡ଼ ହୋଇଥିବା ବେଳେ ତାହା ବି ଚଳିତ ବର୍ଷର ପ୍ରଶ୍ନପତ୍ର ନୁହଁ ତ ବୋଲି ପ୍ରଶ୍ନ ଉଠିଛି । ଯାହାକୁ ନେଇ ରାଜ୍ୟ ସରକାର ତୁରନ୍ତ ଦୃଢ଼ ପଦକ୍ଷେପ ନେବାକୁ ଅବିଭାବକ ମହଲରେ ଦାବି ହୋଇଛି। ଅନ୍ୟପଟେ ଘଟଣା ସଂପର୍କରେ ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଘଟଣା ସଂପର୍କରେ ଅବଗତ କରାଯିବା ପରେ କ୍ୟାମେରା ଆଗରେ କିଛି ପ୍ରତିକ୍ରିୟା ଦେଇନାଥିଲେ ମଧ୍ୟ ଘଟଣା ସଂପର୍କରେ ଯାଞ୍ଚ କରାଯିବାର ପ୍ରତିଶୃତି ଦେଇଛନ୍ତି।

# ଆସନ୍ତାକାଲିଠାରୁ ଆରମ୍ଭ ହେବ ୧୯ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା

ଭୁବନେଶ୍ୱର,୧୮ ।୩(ପି.ଏନ): ୧୯ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ଆସନ୍ତାକାଲି ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଜନତା ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଛି । ଏହି ମେଳାରେ ୬୫୦ ରୁ ଅଧିକ ଷ୍ଟଲ ଲାଗିବ । ଭାରତ ସରକାରଙ୍କ ହସ୍ତଶିଳ୍ପ ବିକାଶ ଆୟୁକ୍ତଙ୍କ ପ୍ରଯୋଜିତ ବିଭିନ୍ନ ରାଜ୍ୟରୁ ୧୫୦ ଟି ଷ୍ଟଲରେ ୫୦ ଜଣ ବୁଣାକାର ସେମାନଙ୍କ କଳା ପ୍ରଦର୍ଶନ କରିବେ । ଓଡ଼ିଶା ପାରମ୍ପରିକ ଖାଦ୍ୟ ପାଇଁ ୩୫ ଗୋଟି ଷ୍ଟଲ ରହିବ । ପ୍ରତ୍ୟେକ ଦିନ ୩ ରୁ ରାତି ୧୦ ପର୍ଯ୍ୟନ୍ତ ଖୋଲା ରହିବ ମେଳା । ଚଳିତବର୍ଷ ୩୦ ଲକ୍ଷ ଜନ ସମାଗମ ସହ ୨୮ କୋଟିର ବାଣିଜ୍ୟ ଆଶା ରଖିଛି ବିଭାଗ । ୨୫ଶହ ବର୍ଗଫୁଟ ପରିମିତ ଅଞ୍ଚଳରେ ପ୍ରସ୍ତୁତ ହୋଇଛି ଥିମ ପାଭିଲିଅନ୍ ଶିଳ୍ପ ସୃଜନୀ । ଦିବ୍ୟାଙ୍ଗ ଓ ବୟସ୍କଙ୍କ ପାଇଁ ସ୍ୱତନ୍ତ୍ର ହେଲ୍ପ ଡେସ୍କ, ହ୍ୱିଲ ଚେୟାର ରହିବ । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ମନମୋହିବ ସାଂସ୍କୃତିକ କାର୍ଯ୍ୟକ୍ରମ । ଆୟୋଜିତ ହେବ ରାଜ୍ୟର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପକୁ ନେଇ ଫ୍ୟାସନ ଶୋ । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଭାରତ ସରକାରଙ୍କ ହସ୍ତତନ୍ତ ମନ୍ତ୍ରାଳୟର ବିକାଶ ଆୟୁକ୍ତ ଓ ବିକାଶ ଆୟୁକ୍ତ ତଥା ସିଡାକର ମିଳିତ ସହଭାଗିତାରେ ଆୟୋଜନ ହେବାକୁ ଯାଉଛି ୧୯ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ।




# ନିର୍ମାତାଙ୍କ ଉପରେ ଗମ୍ଭୀର ଆରୋପ ଆଣିଲେ କ୍ରିଷ୍ଣା



**କ୍ରିଷ୍ଣା** ମୁଖାର୍ଜୀ ଜଣେ ପ୍ରସିଦ୍ଧ ଟିଭି ଅଭିନେତ୍ରୀ। ସେ ଲୋକପ୍ରିୟ ଧାରାବାହିକ 'ୟେ ହେ ମୋହବତେଁ'ରେ ଅଭିନୟ କରି ଲୋକପ୍ରିୟ ହୋଇଥିଲେ। ମନୋରଞ୍ଜନ ଇଣ୍ଡଷ୍ଟ୍ରିରେ ଏକ ଦଶନ୍ଧିରୁ ଅଧିକ ସମୟ ଧରି କାମ କରି ଆସୁଥିବା କ୍ରିଷ୍ଣା ତାଙ୍କ କ୍ୟାରିଅରରେ 'ନାଗିନ୍-୩','କୁଛ ତୋ ହେ: ନାଗିନ୍ ଏକ୍ ନଏ ରଙ୍ଗ ମେଁ',' ଶୁଭ ଶଗୁନ୍' ଏବଂ ଅନ୍ୟାନ୍ୟ ପ୍ରସିଦ୍ଧ ସିରିଏଲରେ ଅଭିନୟ କରିଛନ୍ତି। ଏବେ କ୍ରିଷ୍ଣା ତାଙ୍କ ଇନଷ୍ଟାଗ୍ରାମ ଆକାଉଂଟରେ 'ଶୁଭ ଶଗୁନ୍'ର ସେଟରେ ଘଟିଥିବା ଘଟଣାର ଯନ୍ତ୍ରଣାଦାୟକ ଅନୁଭୂତି ସେୟାର କରିଛନ୍ତି। କିଭଳି 'ଶୁଭ ଶଗୁନ୍'ର ନିର୍ମାତା ସୁଟିଂ ସମୟରେ ତାଙ୍କୁ ନିର୍ଯାତନ ଦେଇଥିଲେ ତାହା ସେ ଏକ ପୋଷ୍ଟ ମାଧ୍ୟମରେ ଲେଖି ଜଣାଇଛନ୍ତି। ନିଜ ଇନଷ୍ଟାଗ୍ରାମ ଆକାଉଂଟରେ ଏକ ପୋଷ୍ଟ ସେୟାର କରି ସେ ଲେଖିଛନ୍ତି ଯେ, ଗତ ଦେଢ଼ ବର୍ଷ ଧରି ମୁଁ ଅନେକ ସମସ୍ୟାର ସାମ୍ନା କରୁଛି। ପୂର୍ବରୁ ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ମୋ ପାଖରେ ସାହସ ନଥିଲା। କିନ୍ତୁ ବର୍ତମାନ ମୁଁ ଏହାକୁ ଆଉ ନିଜ ଭିତରେ ଚାପି ରଖିପାରିବି ନାହିଁ। 'ଶୁଭ ଶଗୁନ୍'ର ନିର୍ମାତା କୁନ୍ଦନ ସିଂଙ୍କୁ ତାଙ୍କ ପୋଷ୍ଟରେ ଟ୍ୟାଗ କରି ଅଭିନେତ୍ରୀ ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ପ୍ରଡକ୍ସନ୍ ହାଉସ୍ ଏବଂ ନିର୍ମାତା ବାରମ୍ବାର ହଇରାଣ କରୁଥିଲେ। ୫ମାସର ପାରିଶ୍ରମିକ ନଦେବା ସହ ମେକଅପ୍ ରୁମରେ ବନ୍ଦ କରି ଦେଉଥିଲେ। ଦିନେ ପୋଷାକ ପିନ୍ଧୁଥିବା ବେଳେ ନିର୍ମାତା ଆସି ବହୁତ ଜୋରରେ କବାଟ ବାଡ଼ାଇଥିଲେ, ଲାଗିଲା ଯେମିତି କବାଟ ଭାଙ୍ଗିଯିବ। ଏତେ ସବୁ ପରେ ଯେତେବେଳେ କ୍ରିଷ୍ଣା ସୋ' ଛାଡ଼ିଲେ ତାଙ୍କୁ ନିର୍ମାତା ଧମକ ଦେବା ଆରମ୍ଭ କରିଥିଲେ, ଯେଉଁ କାରଣରୁ ସେ ଅନ୍ୟ ପ୍ରୋଜେକ୍ଟରେ କାମ କରିବାକୁ ଡରୁଥିଲେ। ହେଲେ ଏବେ ସେ ମୁହଁ ଖୋଲିବା ସହ ମୋତେ ନ୍ୟାୟ ଦରକାର ବୋଲି କହିଛନ୍ତି।

# ଅଲଗା ହେଲେ ଶ୍ରୁତି-ସାନ୍ତନୁ !

**ଦ**କ୍ଷିଣ ଓ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତ୍ରୀ ହେଉଛନ୍ତି ଶ୍ରୁତି ହସନ। ସେ ଅଭିନୟ କରିବା ସହ ଗୀତ ମଧ୍ୟ ଗାଇବାକୁ ପସନ୍ଦ କରନ୍ତି। ଅନେକ ସମୟରେ ତାଙ୍କ ପେସାଦାର ଜୀବନ ସହ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚା ହୁଏ। ଅନେକ ସମୟରେ ସେ ନିଜ ପ୍ରେମିକ ସାନ୍ତନୁ ହଜାରିକାଙ୍କ ସହ ଫଟୋ ସେୟାର କରୁଥିବା ଦେଖିବାକୁ ମିଳେ। ତେବେ କିଛି ମାସ ହେଲାଣି ସେ ସାନ୍ତନୁଙ୍କ ସହ ପ୍ରେମ ସମ୍ପର୍କରେ ଥିବା ବେଳେ ଦୁହେଁ ଖୁବଶୀଘ୍ର ବିବାହ କରିବେ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଏବେ ଦୁହିଁଙ୍କ ବ୍ରେକଅପ ହୋଇଥିବା ନେଇ ଚର୍ଚ୍ଚା ହେଉଛି। ଦୁହେଁ ଇନଷ୍ଟାଗ୍ରାମରେ ପରସ୍ପରକୁ ଅନଫଲୋ କରିବା ସହ ଫଟୋ ହଟାଇ ଦେଇଛନ୍ତି। ଏହାକୁ ଦେଖିବା ପରେ ଦୁହେଁ ପରସ୍ପରଠାରୁ ଅଲଗା ହୋଇଥିବା କୁହାଯାଉଛି। ଗତବର୍ଷ ଜାତୀୟ ଗଣମାଧ୍ୟମ ହିନ୍ଦୁସ୍ତାନ ଟାଇମ୍ସ ସହ କଥା ହୋଇ ଶ୍ରୁତି ହସନ କହିଥିଲେ ଯେ, "ବିବାହ ଶବ୍ଦ ମୋତେ ବହୁତ ଭୟଭୀତ କରେ। ଏଥିରେ ବହୁତ କିଛି ଅଛି ଯେଉଁ କାରଣରୁ ମୁଁ ଏହା ବିଷୟରେ ଚିନ୍ତା କରିବାକୁ ଚାହେଁ ନାହିଁ। ମୁଁ ତାଙ୍କ ସହ ରହି ଖୁସି। ତାଙ୍କ ସହଯୋଗରେ ଭଲ କାମ କରୁଛି ଏବଂ ଆମେ ଏକତ୍ର ବହୁତ ଭଲ ସମୟ କାଟୁଛୁ। ଅଧିକାଂଶ ବିବାହ ଅପେକ୍ଷା ଏହା ଭଲ ନୁହେଁ କି? ଆମେ ପରସ୍ପର ପାଇଁ ଅଛୁ ଏବଂ କଠିନ ସମୟରେ ପରସ୍ପରକୁ ସମର୍ଥନ କରୁଛୁ। ସଂଘର୍ଷ କରୁଥିବା ସମୟରେ ତୁମ ସହ କେହି ଥିଲେ ବହୁତ ଭଲ ଲାଗେ। ଏକାକୀ ସବୁକିଛି ସାମ୍ନା କରିବା ଅପେକ୍ଷା ଏହା ଭଲ। ମୁଁ ଭାବୁଛି ଆମ ଭିତରେ ଯେଉଁଭଳି ସମ୍ପର୍କ ରହିଛି, ତା'ଠାରୁ ଭଲ କିଛି ହୋଇନପାରେ।"



# ପିତାଙ୍କ ପାଇଁ ନେହାଙ୍କ ରୋଡ୍ ଶୋ

**ବ**ଲିଉଡ଼ ଅଭିନେତ୍ରୀ ନେହା ଶର୍ମା ବିହାରରେ ଏକ ରୋଡ୍ ଶୋରେ ଭାଗ ନେଇଥିବା ଦେଖିବାକୁ ମିଳିଛି।



ନେହା ତାଙ୍କ ପିତା ଅଜିତ ଶର୍ମାଙ୍କ ସମର୍ଥନରେ ରୋଡ୍ ଶୋ କରିଛନ୍ତି, ଯିଏ କି କଂଗ୍ରେସ ଟିକେଟରେ ଭାଗଲପୁର ଲୋକସଭା ଆସନରୁ ନିର୍ବାଚନ ଲଢୁଛନ୍ତି। ରାଜନୀତିରେ ପ୍ରବେଶ କରିବାର ଚର୍ଚ୍ଚା ମଧ୍ୟରେ ନେହା ସ୍ପଷ୍ଟ କରିଛନ୍ତି ଯେ, ସେ କେବଳ ତାଙ୍କ ପିତାଙ୍କ ପାଇଁ ପ୍ରଚାର କରୁଛନ୍ତି। ନେହା ଶର୍ମା ଇନଷ୍ଟାଗ୍ରାମରେ ବାଙ୍କା, କିଶନଗଞ୍ଜ, କଟିହର ଏବଂ ପୂର୍ଣ୍ଣିୟା ସମେତ ବିହାରର ବିଭିନ୍ନ ଜିଲାରେ ନିଜ ଯାତ୍ରାର ଏକ ଭିଡିଓ ଶେୟାର କରିଛନ୍ତି। ସେ ପାରମ୍ପରିକ ସାଲୱାର କମିଜ୍ ପିନ୍ଧିଥିଲେ ଏବଂ ଜନସାଧାରଣଙ୍କୁ ଅଭିବାଦନ ଜଣାଇବା ସହ ସେମାନଙ୍କୁ ଭୋଟ୍ ଦେବାକୁ

# ମହାକାଶରେ ଫୁଟିଲା ଜିନିଆ ଫୁଲ

**ଆ**ଗକୁ ମଙ୍ଗଳ ଗ୍ରହ ବା ପୃଥିବୀ ବାହାର ଅନ୍ୟାନ୍ୟ ସ୍ଥାନକୁ ମହାକାଶ ଯାତ୍ରା ନିମନ୍ତେ ମହାକାଶଚାରୀଙ୍କୁ ନିଜ ପାଇଁ ଖାଦ୍ୟ ପ୍ରସ୍ତୁତ କରିବାକୁ ପଡ଼ିବ। ତାହାକୁ ଦୃଷ୍ଟିରେ ରଖି ମହାକାଶ ଗବେଷକମାନେ ଅନ୍ତରୀକ୍ଷରେ ଉଭିଦ ବିକଶିତ କରିବା ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏହି କ୍ରମରେ ବୈଜ୍ଞାନିକମାନେ ଉଭିଦର ସ୍ଥିତି ସମ୍ପର୍କରେ ୧୯୭୦ ଦଶକରୁ ପରୀକ୍ଷା ନିରୀକ୍ଷା ଚଳାଇ ଆସିଛନ୍ତି। ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ପକ୍ଷରୁ ୨୦୧୫ ମସିହାରେ ମହାଶୂନ୍ୟରେ ପୃଥିବୀ ଚାରିପଟେ ଘୂରୁଥିବା ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଫୁଲ ଗଛ ଲଗାଇବା ଆରମ୍ଭ ହୋଇଥିଲା। ଏହାର ସୁଫଳ ମିଳିଥିବା ଏବେ ଜଣାଯାଇଛି। ସେଠାରେ ଫୁଟିଥିବା ଜିନିଆ ଫୁଲର ଚିତ୍ର 'ନାସା' ନିକଟରେ ପ୍ରକାଶ କରିଛି। 'ମହାକାଶରେ ବଗିଚା' ଗବେଷଣାର ଅଂଶବିଶେଷ ଏହି ଜିନିଆ ଫୁଲ କେବଳ ପ୍ରଦର୍ଶନୀ ପାଇଁ ନୁହେଁ, ବରଂ ପୃଥିବୀ ବାହାରେ କିପରି ଉଭିଦ ବଢ଼ାଯାଇପାରିବ, ସେ ସଂକ୍ରାନ୍ତ ଜ୍ଞାନ ଆହରଣ ପାଇଁ ତାହା ସହାୟକ ହେବ। ଏହା ଦ୍ୱାରା ଚନ୍ଦ୍ର, ମଙ୍ଗଳ ପରି ପୃଥିବୀ ବାହାରକୁ ଦୀର୍ଘମିଆଦୀ ମହାକାଶ ଯାତ୍ରା ବେଳେ ମହାକାଶଚାରୀଙ୍କୁ ସଜ ଫଳମୂଳ ଯୋଗାଇବାର ମୂଲ୍ୟବାନ ଉତ୍ସ ତତ୍କାଳ ମିଳିପାରିବ।

# ସପୁରୀ ଜୁସ୍ ପିଅନ୍ତୁ...

**ଶ**ରୀରକୁ ସୁସ୍ଥ ରଖିବା ପାଇଁ କିଏ ବା ନ ଚାହେଁ। ଶରୀରକୁ ଉପକାର କରୁଥିବା ଜିନିଷ ମଧ୍ୟରୁ ଗୋଟିଏ ହେଉଛି ପାଇନ୍‌ଆପଲ୍ ତଥା ସପୁରୀ ଜୁସ୍। ସପୁରୀ ରସ ରୋଗ ପ୍ରତିରୋଧକ ଶକ୍ତି ଏବଂ ହଜମ ପାଇଁ ସବୁଠ ଭଲ ମେଡିସିନ। ସପୁରୀ ଜୁସ୍ ହେଉଛି ବ୍ରୋମେଲାଇନର ଏକମାତ୍ର ଖାଦ୍ୟ ଉତ୍ସ। ଖରାଦିନେ ଘଟୁଥିବା ଅନେକ ରୋଗର ଚିକିତ୍ସା ପାଇଁ ଏହି ଏନଜାଇମ୍ ବ୍ୟବହୃତ ହୁଏ। ତେବେ ଆସନ୍ତୁ ଜାଣିବା ସପୁରୀ ଜୁସ୍ ପିଇବା ଦ୍ୱାରା କଣ ମିଳିଥାଏ ଫାଇଦା। ସପୁରୀ ଜୁସ୍‌ରେ ଆଇରନ, ଭିଟାମିନ୍ ସି, ମାଙ୍ଗାନିଜ୍, କପର, ଫୋଲେଟ୍, ପୋଟାସିୟମ୍, ଭିଟାମିନ୍ କେ, ଭିଟାମିନ୍ ବି-୬, ଭିଟାମିନ୍ ବି -୧ (ଥିଏମାଇନ୍), କ୍ୟାଲସିୟମ୍, ଫସଫରସ୍, କୋଲାଇନ୍, ମ୍ୟାଗ୍ନେସିୟମ୍ ରହିଥାଏ। ସପୁରୀ ରସ ପିଇବା ଦ୍ୱାରା ବ୍ରଣ ପରି ସମସ୍ୟାରୁ ମୁକ୍ତି ମିଳେ ଓ ଉଜ୍ଜ୍ୱଳ ତ୍ୱଚା ଫେରାଏ। ବୟସ ବଢ଼ିବା ସହିତ ଚର୍ମ ସତେଜ ରୁହେ ଏବଂ କୁଂଚନ ଦେଖାଯାଏ ନାହିଁ। ଯଦି ଆପଣ ନିୟମିତ ଭାବେ ସପୁରୀ ଜୁସ୍? ପିଅନ୍ତି, ତେବେ ଆପଣଙ୍କ ତ୍ୱଚା ସୁସ୍ଥ ଓ କୋମଳ ରହିବ। ସପୁରୀ ଜୁସ୍‌ରେ ହଜମ ପାଇଁ ଫାଇବର ଏବଂ ଭିଟାମିନ୍-ସି ର ଏକ ସମୃଦ୍ଧ ଉତ୍ସ ଥାଏ। ଯାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ। ଯଦି ଆପଣ ପ୍ରତିଦିନ ପିଅନ୍ତି ତାହାଲେ କୋଷ୍ଠକାଠିନ୍ୟ, ଗ୍ୟାସ୍ ଭଳି ସମସ୍ୟା ଦୂର ହୋଇଯିବ। ଯେଉଁମାନେ ପ୍ରତିଦିନ ସପୁରୀ ଜୁସ୍ ପିଉଛନ୍ତି ସେମାନଙ୍କଠାରୁ ରୋଗ ମଧ୍ୟ ଦୂରରେ ରହିଥାଏ। ସେମାନଙ୍କର ପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ। ଏହା ଅନେକ ରୋଗ ସହିତ ମଧ୍ୟ ଲଢିଥାଏ।



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୫, ମାର୍ଚ୍ଚ ୧୯

# ‘ତମେ ଆଉ ନାହଁ ବୋଲି ଖବର ଆସିଛି’



ସମକାଳୀନ ଓଡ଼ିଆ କବିତାର ଶିଖର ପୁରୁଷ ତଥା ଭାରତୀୟ ଆଧୁନିକ କବିତାର ପଥିକୃତ କବି ପଦ୍ମଭୂଷଣ ରମାକାନ୍ତ ରଥ ଓଡ଼ିଆ କବିତା ରାଇଜର ପୂଣ୍ୟତମ ଉଚ୍ଚାରଣ। ଓଡ଼ିଆ କବିତା ତଥା ଭାରତୀୟ କବିତାକୁ ନୂଆ ରୂପ, ଭାଷା, ଭଙ୍ଗୀ ଓ ସର୍ବୋପରି ନୂଆ ଦୃଷ୍ଟି ଦେବାରେ ତାଙ୍କର ଅବଦାନ ଅନନ୍ୟ ସାଧାରଣ ଓ ଅନସ୍ୱୀକାର୍ଯ୍ୟ। ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଓଡ଼ିଆ ଭାଷା ସାହିତ୍ୟକୁ ସେ ସମୃଦ୍ଧ କରି ରଖିଥିଲେ। କୌଣସି ବାଦ, କୌଣସି ପ୍ରଚାରରେ ବିଶ୍ୱାସ ରଖୁନଥିବା ଏହି ମୌନ ସାଧକ ଓଡ଼ିଆ କାବ୍ୟ ଜଗତର ଭାଷା ଓ ଶୈଳୀରେ ନିର୍ମାଣ କରିଥିଲେ ନବଯୁଗ। ତାଙ୍କ କବିତାର ଉଦାହରଣ ସ୍ୱୟଂ ତାଙ୍କର କବିତା। ସ୍ଥୂଳଗଦ୍ୟ ଓ ହାତ ପାହାନ୍ତାର ଶବ୍ଦକୁ ବ୍ୟଞ୍ଜାନାତ୍ମକ ଓ ରୂପଦେବାରେ ସେ ସିଦ୍ଧ ହସ୍ତ। ଆମେ ଶୀର୍ଷକ ରଖିଥିବା ‘ତମେ ଆଉ ନାହଁ ବୋଲି ଖବର ଆସିଛି’ ହେଉଛି ତାଙ୍କ ପ୍ରଖ୍ୟାତ ଓ ପ୍ରଚୁର ପାଠକୀୟ ଆଦୃତି ପାଇଥିବା ‘ଶ୍ରୀରାଧା’ କବିତାର ପ୍ରଥମ ଧାଡ଼ି ଯାହାର ଅର୍ଥ ହେଉଛି ‘ଶ୍ରୀକୃଷ୍ଣଙ୍କର ଦେହ ତ୍ୟାଗର ଖବର ପାଇ ତାହାକୁ ଗ୍ରହଣ କରିନଥିବା ଶ୍ରୀରାଧାଙ୍କ ଭାବନାର ପରିପ୍ରକାଶ ଇଏ’। ଏହି ସୌମ୍ୟ ସୁକୋମଳ କବିଙ୍କ ପରଲୋକ ଖବର ପାଇ ପୃଥିବୀର ବିଭିନ୍ନ କୋଣ ଅନୁକୋଣରେ ଥିବା ତାଙ୍କ ବିମୁଗ୍ଧ ପାଠକଙ୍କ ସମାନ ପ୍ରତିକ୍ରିୟ ଏହିପରି ହିଁ ସୃଷ୍ଟି ହୋଇଥିବ। ଏକାଧାରାରେ ସେ ଥିଲେ ବିଶିଷ୍ଟ କବି ଓ ଜଣେ ସୁନାମଧନ୍ୟ ପ୍ରଶାସକ। ତେବେ ଶ୍ରୀରାଧାର କବି ଭାବେ ପ୍ରସିଦ୍ଧି ଅର୍ଜନ କରିଥିବା ସ୍ୱର୍ଗତଃ ରଥ ପାଠକଙ୍କ ମହଲରେ ବେଶ ଲୋକପ୍ରିୟ ଥିଲେ। ତାଙ୍କର ପ୍ରତ୍ୟେକଟି ସୃଷ୍ଟି ଓଡ଼ିଶାର କାବ୍ୟ ଜଗତକୁ ଋଦ୍ଧିମନ୍ତ କରିଛି।

୧୯୩୪ ମସିହା ଡିସେମ୍ବର ୧୩ ତାରିଖରେ କଟକର ବିଶ୍ୱନାଥପୁର ଗ୍ରାମରେ ପିତା ଲୋକନାଥ ମହାପାତ୍ର ଓ ମାଆ ପାର୍ବତୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। ତେବେ ଅଜା ଜଣେ ସଂସ୍କୃତ ବିଦ୍ୱାନ ଥିବାରୁ ତାଙ୍କୁ ପୁଅ କରିବାରୁ ସେ ମହାପାତ୍ରରୁ ରଥ ହୋଇଥିଲେ। ଅନେକ ସାହିତ୍ୟ ଆଲୋଚନାରେ ସେ ନିଜେ ମଧ୍ୟ ସ୍ୱୀକାର କରିଥିଲେ ଯେ ବାସ୍ତବରେ ସେ କବିତା ଲେଖିବେ ବୋଲି ଭାବିନଥିଲେ। ପରିସ୍ଥିତିରେ ପଡ଼ି ପିଲାଦିନରେ ଦୁଇଟି କବିତା ଲେଖିଥିଲେ। ଏହା ସମ୍ଭବତଃ ତାଙ୍କୁ ଆଗକୁ ନେବା ପାଇଁ ବାଟ ଦେଖାଇଥିଲା। କବିତା ପାଇଁ ସେ ଥରେ ସୁନା ମୁଦିଟିଏ ପୁରସ୍କାର ପାଇଥିଲେ କିନ୍ତୁ ଆଇଏଏସ୍ ପରୀକ୍ଷା ପାଇଁ ସେ ଏହାକୁ ବିକିବା ପାଇଁ ବାଧ୍ୟ ହୋଇଥିଲେ। ରେଭେନ୍ସାରେ ପିଜି କରୁଥିବାବେଳେ ତାଙ୍କୁ କବି ଗୋଦାବରୀଶ ମହାପାତ୍ର, ନାଟ୍ୟକାର ଗୋପାଳ ଛୋଟରାୟ ଓ ଅନନ୍ତ ପଟ୍ଟନାୟକଙ୍କ ଠାରୁ ଉତ୍ସାହ ମିଳିଥିଲା। ସେ ଥିଲେ ସ୍ଥୂଳଗଦ୍ୟ ଓ ହାତପାହାନ୍ତାର ଶବ୍ଦକୁ ବେଶ ବ୍ୟଞ୍ଜାନାତ୍ମକ ଓ ଅର୍ଥପୂର୍ଣ୍ଣ ରୂପ ଦେବାରେ ସିଦ୍ଧହସ୍ତ। ଉଚ୍ଚାରଣରେ ମୁକ୍ତ, ସ୍ୱଷ୍ଟ, ଅବାଦ୍ଧ ତାଙ୍କ କବିତାର ନିର୍ଝରଣୀ କେତେ ଯେ ତୃଷିତ ହୃଦୟର ଶୋଷକୁ ମେଣ୍ଟାଇଛି ତାର ହିସାବ ନାହିଁ। ଓଡ଼ିଆଙ୍କର ପ୍ରିୟ କବି ପୁଣ୍ୟଶ୍ଳୋକ ରମାକାନ୍ତ ରଥଙ୍କ ନାମ ସାହିତ୍ୟ ନକ୍ଷତ୍ରର ଏକ ପ୍ରାତଃ ସ୍ମରଣୀୟ ଜ୍ୟୋତି। କବିତାର ତପସ୍ୟାରେ ତଲ୍ଲୀନ ଏହି ଜୀବନବୋଧର କବିଙ୍କ ଅନୁଭବ ଯୁଗେ ଯୁଗେ ଭାରତୀୟ କବିତା ପରମ୍ପରାକୁ ଆଚ୍ଛନ୍ନ ଓ ବିଭୋର କରି ରଖିବ ଏଥିରେ ସନ୍ଦେହ ନାହିଁ।

୧୯୮୫ ମସିହାରେ ପ୍ରକାଶିତ ତାଙ୍କ ଶ୍ରେଷ୍ଠ କୃତୀ ଥିଲା ଶ୍ରୀରାଧା ଯାହାକି ଲୋକପ୍ରିୟତାର ଏତେ ଶୀର୍ଷରେ ରହିଛି ଯେ ଏହା ଭାରତର ବିଭିନ୍ନ ଭାଷାରେ ଅନୁବାଦ ହୋଇ ପ୍ରଚୁର ପାଠକୀୟ ଆଦୃତି ପାଇଛି। ତାଙ୍କ ପ୍ରମୁଖ ସାରସ୍ୱତ ସୃଷ୍ଟି ଗୁଡ଼ିକ ହେଉଛି ‘ଅନେକ କୋଠରୀ’, ‘ସନ୍ଦିଗ୍ଧ ମୃଗୟା’, ‘କେତେ ଦିନର’, ‘ସପ୍ତମ ଋତୁ’, ‘ସଚିତ୍ର ଅନ୍ଧାର’, ‘ଶ୍ରୀପଳାତକ’, ‘ସୀମାନ୍ତ ବାସ’, ‘ଫେରି ଚାହିଁଲେ’ ପ୍ରମୁଖ। ସେ ପ୍ରଥମ ଓ ଏକମାତ୍ର ଓଡ଼ିଆ ଭାବେ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସଭାପତି ଦାୟିତ୍ୱ ତୁଲାଇ ଥିଲେ। ୧୯୭୭ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ, ୧୯୮୪ରେ ଶାରଳା ପୁରସ୍କାର, ୧୯୯୨ରେ ସରସ୍ୱତୀ ସମ୍ମାନ, ୧୯୯୪ରେ କବୀର ସମ୍ମାନ, ପ୍ରଜାତନ୍ତ୍ର ବିଷୁବ ସମ୍ମାନ ଓ ୨୦୧୮ରେ ଓଡ଼ିଆ ସାହିତ୍ୟ ଏକାଡ଼େମୀ ପକ୍ଷରୁ ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନରେ ସମ୍ମାନିତ ହୋଇଥିଲେ। ସାରସ୍ୱତ ଜଗତର ଏହି ଅମୂଲ୍ୟ ରତ୍ନଙ୍କ ସହିତ ରାଜଧାନୀ ପୁସ୍ତକ ମେଳାର ଏକ ପୁସ୍ତକ ଉନ୍ମୋଚନ ସଭାରେ ପ୍ରଖ୍ୟାତ ଲେଖକ ବିଭୂତି ପଟ୍ଟନାୟକ ଓ ଫନି ମହାନ୍ତିଙ୍କ ସହିତ ଏହି ଲେଖକ ସାନ୍ନିଧ୍ୟ ପାଇବାର ସୁଯୋଗ ପାଇଥିଲା। କେବଳ ଓଡ଼ିଆ ସାହିତ୍ୟ ନୁହେଁ ସମଗ୍ର ଭାରତୀୟ ସାହିତ୍ୟରେ ସେ ଥିଲେ ଜଣେ ସ୍ମରଣୀୟ ବ୍ୟକ୍ତିତ୍ୱ। ଭାରତୀୟ କାବ୍ୟ ସାହିତ୍ୟର ଅନ୍ୟତମ ଶିଖର ସ୍ୱାକ୍ଷର ଓ ଶ୍ରୀରାଧାର କବି ଯୁବ ମାନସ ପରିପକ୍ୱ ମାନସର କବି ଅମର ଧାମକୁ ଯାତ୍ରା କରିଛନ୍ତି। ସେ ଚିରଦିନ ପାଇଁ ସଭିଙ୍କ ମନରେ ହୃଦୟର କବି ଭାବେ ରହିଥିବେ।

*୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭- ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୯୨୦୪୬୫୨୦୬୫*

# ଜୀବନର ଲକ୍ଷ୍ୟ

**ନିରୁପମା ଭୂୟାଁ**

ମନୁଷ୍ୟ ଜନ୍ମ ହେଉଛି ବିଶ୍ୱର ସବୁଠାରୁ ଦୁର୍ଲଭ ଜନ୍ମ । ପ୍ରତ୍ୟେକ ମନୁଷ୍ୟର ଜନ୍ମ କିଛି ମହତ୍ ଉଦ୍ଦେଶ୍ୟରେ ହୋଇଥାଏ । ଏଣୁ ଏହି ଜନ୍ମକୁ ସାର୍ଥକ କରିବା ପାଇଁ ସବୁବେଳେ ଭଲ କର୍ମ କରିବା ଉଚିତ । ଆଉ ସେହି ମହତ୍ ଉଦ୍ଦେଶ୍ୟକୁ ପୂରଣ କରିବା ଉଚିତ । ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତି ଜୀବନରେ କିଛି ନା କିଛି ଲକ୍ଷ୍ୟ ସ୍ଥିର କରିବା ଉଚିତ । ଆଉ ଯଦି ଲକ୍ଷ୍ୟ ସ୍ଥିର ନ କରି ଓ ବ୍ୟବସ୍ଥିତ କାର୍ଯ୍ୟ କରି ଜୀବନକୁ ଆଳସ୍ୟପଣରେ ବିତାଯାଏ ତେବେ ଏହାର କିଛି ଅର୍ଥ ରହେ ନାହିଁ । ତେଣୁ ଜୀବନରେ ପ୍ରତ୍ୟେକ ମନୁଷ୍ୟ ନିଜ ପାଇଁ କିଛି ନା କିଛି ଲକ୍ଷ୍ୟ ସ୍ଥିର କରିବା ଉଚିତ । ପୁଣି ସେ ଲକ୍ଷ୍ୟ ମନ ନୁହେଁ, ବିବେକାନୁମୋଦିତ ହେବା ଆବଶ୍ୟକ ଯେଉଁଥିରେ ବ୍ୟକ୍ତିଗତ ଉନ୍ନତି ସହ ସାମାଜିକ ମଙ୍ଗଳ ନିହିତ ଥିବ । ଅଧିକନ୍ତୁ ତାହା ବ୍ୟକ୍ତିକୁ ମାନସିକ ପ୍ରଶାନ୍ତି ମଧ୍ୟ ଦେଉଥିବା ଦରକାର । ଅର୍ଥ ହେଉଛି ସବୁ ଅଶାନ୍ତିର କାରଣ । ତେଣୁ କେବଳ ଅର୍ଥ ଉପାର୍ଜନ ପାଇଁ ଲକ୍ଷ୍ୟ ସ୍ଥିର କରିବା ଉଚିତ ନୁହେଁ । ଜୀବନର ଲକ୍ଷ୍ୟ ସ୍ଥିରରେ ଉତ୍ତମ ବନ୍ଧୁତାର ଗୁରୁତ୍ୱ ବେଶ୍ ଅଧିକ ରହିଥାଏ । କାରଣ ଏହା ବ୍ୟକ୍ତିଙ୍କ ଜୀବନ ଏମାନଙ୍କ ଦ୍ୱାରା ବେଶ୍ ପ୍ରଭାବିତ ହୋଇଥାଏ । କୁସଙ୍ଗରେ ପଡ଼ି ଅନେକ ଏପରି ଏକ୍ଷ୍ୟ ଚୟନ କରିଥାନ୍ତି ଯାହା ସେମାନଙ୍କ ସହ ସମାଜର ଅମଙ୍ଗଳ କରିଥାଏ । ତେଣୁ ବ୍ୟକ୍ତି ସର୍ବଦା ଏପରି ଲକ୍ଷ୍ୟ କରିବା ଉଚିତ ଯାହାଦ୍ୱାରା ତାର ଚାରିତ୍ରିକ ଉତଥାନ ମଧ୍ୟ ହୋଇ ପାରିବ ।ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୯୩୭୪୭୦୯୮୦

# ପେଜ, ପଖାଳ ଓ ପ୍ରଭୁ ଜଗନ୍ନାଥ



**କବୀର କୁମାର ଜେନା**

ଆମ କୋଟି ଓଡ଼ିଆଙ୍କ ମଉଡ଼ମଣି ଆମ ହୃଦୟର ସ୍ପନ୍ଦନ, ଆମ ଭାବର ଆରାଧ୍ୟ ହୃଦୟେଶ୍ୱର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ସମ୍ପୂର୍ଣ୍ଣ ଭାବେ ମାନବୀୟ ଲୀଳା ଭାବେ ପରିଗଣିତ। ପ୍ରତିଟି ମଣିଷର ଜୀବନ ଚକ୍ର ପରି ପ୍ରତିଦିନ କର୍ମ ସମ୍ପାଦନ ପରି ସେ ତାଙ୍କର ପ୍ରତିଟି କର୍ମ କରିଥାନ୍ତି। ଷାଠିଏ ପଉଟି ପ୍ରସାଦ ପ୍ରତିଦିନ ନିର୍ଦ୍ଧାରିତ ସମୟରେ ଗ୍ରହଣ କରୁଥିବା ମହାପ୍ରଭୁ ମଧ୍ୟ ଆମ ଓଡ଼ିଆଙ୍କ ପରି ପଖାଳ ଖାଇଥାନ୍ତି।

ଆମ ଓଡ଼ିଆ ମାଟି, ପାଣି, ପବନର ପ୍ରତିଟି ପାରମ୍ପରିକ ଖାଦ୍ୟ ଭିତରେ ପଖାଳର ବାସ୍ନା ସ୍ୱତନ୍ତ୍ର। ପ୍ରାୟ ପ୍ରତିଟି ଓଡ଼ିଆ ଘରର ଜନଜୀବନରେ ଏହି ପଖାଳ ଯୋଡ଼ା ହୋଇଛି। ତେବେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଶ୍ରୀମନ୍ଦିର ପରମ୍ପରାରେ ମଧ୍ୟ ପଖାଳର ବିଧି ରହିଛି। ମହାପ୍ରଭୁଙ୍କ ନିକଟରେ ଦୈନନ୍ଦିନ ଲାଗି ହେଉଥିବା ଛପନ ଭୋଗ ମଧ୍ୟରେ ପଖାଳ ଅନ୍ୟତମ। ଶ୍ରୀଗୁଣ୍ଡିଚା ଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସମୟକୁ ଛାଡ଼ିଦେଲେ ବାକି ବର୍ଷର ସମସ୍ତ ଦିବସରେ ଦାରୁଦିଅଁ ପଖାଳରେ ଆତ୍ମସନ୍ତୋଷ ପାଇଥାନ୍ତି। ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ଲାଗି ଚନ୍ଦନ ଯାତ୍ରା ଅବସରରେ ଦହିପଖାଳ ମଣୋହି କରି ମଦନମୋହନ ଚାପ ଖେଳ ପାଇଁ ବାହାରନ୍ତି। ଖରାଦିନେ ଭକ୍ତମାନେ ମହାପ୍ରସାଦକୁ ପଖାଳ କରି ଖାଇଥାନ୍ତି। ଶ୍ରୀମନ୍ଦିରରେ ଯେଉଁ ଟଙ୍କତୋରାଣି ମିଳେ ତାହା ମହାପ୍ରସାଦ ପଖାଳରୁ ପ୍ରସ୍ତୁତ ହୋଇଥାଏ। ଏହି ପଖାଳ ତୁଣ ସୁଆର ଓ ଥାଳି ସୁଆର ସେବକମାନେ ପ୍ରସ୍ତୁତ କରିଥାନ୍ତି। ପନ୍ତି ବଡୁ ସେବକ ଯେଉଁ ଭୋଗରେ ଯେଉଁ ପଖାଳ ଲାଗି ହେବା କଥା ତାହା ପନ୍ତି ଲଗାଇଥାନ୍ତି।

ଶ୍ରୀ ମନ୍ଦିରରେ ପଖାଳର ବ୍ୟବସ୍ଥା ସମ୍ପର୍କରେ ସ୍ୱତ୍ୱଲିପିର ମଧ୍ୟ ଉଲ୍ଲେଖ ରହିଛି। ବଡୁ ସୁଆର ନିଯୋଗ ପରିଚାଳିତ ଏହି ପଖାଳରେ ଶ୍ରୀମନ୍ଦିରରେ ପାଞ୍ଚ ପ୍ରକାର ପଖାଳ ଅର୍ପଣ ହୋଇଥାଏ। ସେଗୁଡ଼ିକ ହେଉଛି ଘିଅ ପଖାଳ, ଦହି ପଖାଳ, ଚିପୁଡା ପଖାଳ, ଟଭା ପଖାଳ ଓ ସୁବଶିତ ପଖାଳ। ଏହି ପଖାଳ ତିଆରି ପାଇଁ ଶ୍ରୀମନ୍ଦିରର ରୋଷ ଘର ଭିତରେ ସ୍ୱତନ୍ତ୍ର ଭାବେ ଖଡ଼ି ପଥରରେ ଏକ ପଖାଳ କୁଣ୍ଡ ରହିଛି ଯେଉଁଥିରେ ଅନ୍ନ ଓ ପାଣି ଦ୍ୱାରା ମହାପ୍ରଭୁଙ୍କ ପାଇଁ ଦିବ୍ୟ ପଖାଳ ପ୍ରସ୍ତୁତ ହୋଇଥାଏ। ଆସନ୍ତୁ ଏହି ପଖାଳର ପ୍ରସ୍ତୁତି ଓ ସ୍ୱତନ୍ତ୍ରତା ବିଷୟରେ ଜାଣିବା।

ମହାପ୍ରଭୁଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ଅନ୍ନରେ ପାଣି, ଲୁଣ ଇତ୍ୟାଦି ମିଶା ଯାଇ ଚିପୁଡା ଯାଇ ଏକ ଓଳିରେ ରଖାଯାଏ ଏବଂ ଏହା ଉପରେ ଅଦା, ପାତି, ଭଜା ଜିରା ପକାଯାଇ ଚିପୁଡ଼ା ପଖାଳ ପ୍ରସ୍ତୁତ କରାଯାଇଥାଏ। ପ୍ରତିଦିନ ମଧ୍ୟାହ୍ନ ଧୂପ ସମୟରେ ଏହି ପଖାଳ ଠାକୁରଙ୍କ ପାଖରେ ଲାଗି କରାଯାଏ। ଏହାକୁ ଚିପୁଡ଼ା ପଖାଳ କୁହାଯାଏ। ସେହିପରି ଆମ ଓଡ଼ିଆରେ ଟଭା ଯାହାକି କମଳା ଭଳି ଦେଖାଯାଉଥିବା ଗ୍ରାମାଞ୍ଚଳରେ ଉପଲବ୍ଧ ହେଉଥିବା ଠିକ କମଳା ଭଳି ଏକ ଖଟା ଜାତୀୟ ଫଳ। ଏହାସହ ଜିରା, ଲୁଣ, ଅଦାଖଣ୍ଡ ଓ ପାଣି ମିଶ୍ରିତ ହୋଇ ପ୍ରସ୍ତୁତ କରାଯାଏ। ଏହା ମହାପ୍ରଭୁଙ୍କ ପାଖରେ ଠିକ ଦ୍ୱିପ୍ରହର ଧୂପ ସମୟରେ ଲାଗି କରାଯାଏ। ଠିକ ସେହିପରି ଅନ୍ନରେ ପାଣି ମିଶ୍ରିତ ପୂର୍ବକ ଏଥିରେ ଲୁଣ, ଭଜା ଜିରା, ଅଦାଖଣ୍ଡ, ଲବଙ୍ଗ, ଗୋଲମରିଚ ଇତ୍ୟାଦି ପକାଯାଇ ସୁବାସିତ ପଖାଳ ପ୍ରସ୍ତୁତ ହୋଇଥାଏ। ଏହା ମଧ୍ୟ ମଧ୍ୟାହ୍ନ ଧୂପରେ ଠାକୁରଙ୍କ ପାଖରେ ଲାଗି କରାଯାଇଥାଏ। ତେବେ ଦହି ପଖାଳଟି ଯେଉଁଥିରେ ଅନ୍ନରେ ପାଣି ମିଶ୍ରିତ ପୂର୍ବକ ଏଥିରେ ଲୁଣ, ଭଜା ଜିରା, ଅଦାଖଣ୍ଡ, ଦହି ଇତ୍ୟାଦି ପକାଯାଇ ଏହି ପଖାଳ ପ୍ରସ୍ତୁତ ହୋଇଥାଏ। ଏହା ସନ୍ଧ୍ୟା ଧୂପରେ ଠାକୁରଙ୍କ ପାଖରେ ଲାଗି କରାଯାଇଥାଏ। ତେବେ ସବୁଠାରୁ ଆକର୍ଷଣୀୟ ହୋଇଥାଏ ଘିଅ ପଖାଳ। ଯାହା ମହାପ୍ରଭୁଙ୍କ ବଡ଼ ସିଂହାର ଧୂପ ପରେ ଅର୍ପଣ ହୋଇଥାଏ। ଏଥିରେ ଅନ୍ନ, ଲୁଣ, ଅଦାଖଣ୍ଡ, ଦହି, ଭଜା ଜିରା ଇତ୍ୟାଦି ଓଳିରେ ରଖାଯାଇ ଏଥିରେ ଘିଅ ମିଶାଯାଏ। ଶ୍ରୀମନ୍ଦିର ପାରମ୍ପରିକ ପରିଭାଷାରେ ଏହାକୁ ଘିଅ ପଖାଳ କୁହାଯାଏ। ଏଭଳି ଭୋଗ ଅର୍ପଣ ଓ ପ୍ରସ୍ତୁତ ପରମ୍ପରା ବାସ୍ତବିକ ସମଗ୍ର ବିଶ୍ୱରେ ବିରଳ। ଯେଉଁଥିପାଇଁ ଏକ ପ୍ରବାଦ ରହିଛି ‘ଏମିତିଆ ଦିଅଁ କେଉଁଠି ଅଛି, ପଖାଳ ଭାତରେ ଘିଅ ଖାଉଛି।’

ଶ୍ରୀମନ୍ଦିର ପରମ୍ପରାରେ ପଖାଳ ସମ୍ପର୍କରେ ସ୍ୱତ୍ୱଲିପିରେ ଯାହା ବର୍ଣ୍ଣନା ରହିଛି ସେହି ତଥ୍ୟ ମୁତାବକ ମାଦଳା ପାଞ୍ଜିରେ ଉଲ୍ଲେଖ ଥିବା ନୀତି ବ୍ୟବସ୍ଥାରେ ମହାପ୍ରଭୁଙ୍କ ପିଠା ଓ ଭୋଗ ଯୋଡ଼ା ଯାଇଥିବା ସହିତ ପଖାଳ କିନ୍ତୁ ଏହା ଭିତରୁ ପ୍ରାଚୀନ ଓ ସର୍ବପ୍ରଥମ। ତେବେ କେଶରୀ ବଂଶଙ୍କ ସମୟରେ ଥିବା ରୋଷ ଘରେ ପଖାଳ ସମ୍ପର୍କରେ କିଛି ତଥ୍ୟ ମଧ୍ୟ ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଦିବ୍ୟ ମାନବ ବାଦର ସମନ୍ୱିତ ଲୀଳାଖେଳାର ଶ୍ରେଷ୍ଠତମ ପ୍ରତୀକ। ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ତ୍ତବ୍ୟ ସମ୍ପାଦନ କରି ସେ ଜନ୍ମ ଓ ମୃତ୍ୟୁ ମଧ୍ୟ ପ୍ରାପ୍ତ ହୁଅନ୍ତି। ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ ସାରା ଜୀବଜଗତ ପାଇଁ ଏକ ସ୍ୱାଭାବିକ ପ୍ରକ୍ରିୟା।

ଓଡ଼ିଆରେ ଗୋଟିଏ କଥା ଅଛି ‘ଶାଗଖିଆକୁ ପେଜପିଆ ସହିପାରେ ନାହିଁ।’ ଏହାର ଅର୍ଥ ଯିଏ ପେଜ ପିଇ ଜୀବନ ବଞ୍ଚୁଥାଏ, ଅର୍ଥାତ୍ ଅତି ଗରିବ, ସିଏ ଶାଗ ପଖାଳ ଖାଇ ବଞ୍ଚୁଥିବା ଗରିବ ଲୋକଟିକୁ ଈର୍ଷା କରେ। କିନ୍ତୁ ଏଇ ପେଜ ଓ ପଖାଳ ଏ ଜାତିର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ କଥା ଓ ଗାଥା ସହ ଯୋଡ଼ି ହୋଇ ଏହାକୁ ଗୌରବ ଦେଇଛି। ଆମେ ମହାପ୍ରଭୁଙ୍କ ପଖାଳ ନୀତି ସମ୍ପର୍କରେ ଆଲୋଚନା ରଖିବାବେଳେ ଆମ ସାମ୍ନାକୁ ଆସିଥିଲା ମହାନ ଭକ୍ତ ରାମଦାସଙ୍କ ଦ୍ୱାରା ଲିଖିତ ‘ଦାର୍ଢ୍ୟତା ଭକ୍ତି’ ପୁସ୍ତକ ସମ୍ପର୍କରେ ଯେଉଁଥିରେ ମହାପ୍ରଭୁଙ୍କ ସେହି ପ୍ରାତଃ ସ୍ମରଣୀୟ ଭକ୍ତ ଦାସିଆ ବାଉରୀଙ୍କ କଥା ଉଲ୍ଲେଖ ରହିଛି। ତତ୍କାଳୀନ ଶ୍ରୀକ୍ଷେତ୍ର ପୁରୀ ଠାରୁ ଅନୁନ୍ୟନ ଦୁଇକୋଶ ଦୂରରେ ବାଲିଗାଁ ବା ବାଲି ଗ୍ରାମ। ପାରମ୍ପରିକ କୌଳିକ ଜାତିରେ ସେ ଥିଲେ ‘ଖନ୍ଦାଳ’ ସମ୍ପ୍ରଦାୟର। ଏହି ଖନ୍ଦାଳ ବା ଖଦାଳ ତନ୍ତୀ ଜାତିବିଶେଷ ଲୁଗାପଟା ନିଜ ତନ୍ତ ଦ୍ୱାରା ତିଆରି କରି ଜୀବନ ନିର୍ବାହ କରନ୍ତି। ଦାସିଆ ବାଉରୀଙ୍କ ସଂସାର ବୋଇଲେ ସ୍ୱାମୀ-ସ୍ତ୍ରୀ ଦୁଇଜଣ। ତାଙ୍କର କୋଳ କିନ୍ତୁ ଶୂନ୍ୟ ଥିଲା। ଦୁଇ ପ୍ରାଣୀଙ୍କ ସଂସାରରେ ପିଲାଝିଲ୍ଲା ହିଁ ନଥିଲେ। ଭକ୍ତ ଦାସିଆ ତାଙ୍କ ସମୟରେ ଗ୍ରାମରେ ବ୍ରାହ୍ମଣଙ୍କ ଘରେ ବ୍ରତ ବା ଆଧାତ୍ମିକ କାର୍ଯ୍ୟ ସମ୍ପାଦନ ବେଳେ ଯେଉଁ ନାମ ଗାୟନ ସବୁ ହୁଏ ତାହା ତାଙ୍କୁ ଭିତର ହୃଦୟରୁ ଯେପରି କେହି କିଛି ସଂକେତ ଦେଇ ଡାକିଥାଏ। ଜାତିରେ ଛୋଟ ହୋଇଥିବାରୁ ମାଙ୍ଗଳିକ କାର୍ଯ୍ୟକ୍ରମ ସମ୍ପାଦିତ ସ୍ଥାନ ଠାରୁ ଦୂରରେ ରହି ସେ ଏହାକୁ ଶୁଣୁଥାନ୍ତି। ଏହି ଶୁଣିବା ଭିତରେ ହିଁ ତାଙ୍କର ଦିବ୍ୟ ଜ୍ଞାନର ଚୈତନ୍ୟ ଉଦୟ ହୋଇଥିଲା। ସମାଜରେ ଗୁରୁଜ୍ଞାନୀ, ବିଦ୍ୱାନ ମଣ୍ଡଳୀଙ୍କ ଠାରୁ ଟିକେ ଦୂରରେ ହେଉ ବରଂ ବସି ଭଗବତ ଜ୍ଞାନ ଶୁଣୁଥିଲେ। କର୍ମମୟ ଜୀବନରେ ପୂଣ୍ୟ କ’ଣ ପାପ କ’ଣ ସେ ବୁଝି ପାରିନଥାଏ। ପ୍ରତିଦିନ ଯେତିକି ଯାହା ମିଳେ ସେଇଥିରେ ସେ ଆନନ୍ଦରେ ନିଜକୁ ଅତିବାହିତ କରିଥାଏ। ସୁଖ ବି ଠାକୁର ଦେଇଛନ୍ତି ଦୁଃଖ ବି ଠାକୁର ଦେଇଛନ୍ତି। ଏହାକୁ ଗ୍ରହଣ କରି ସେ ତାଙ୍କ ଦୈନନ୍ଦିନ ଜୀବନ ଆଗେଇ ନେଉଥିବାବେଳେ ପ୍ରତିବର୍ଷ ପରି ସେ ବର୍ଷଟି ଥିଲା ଗୁଣ୍ଡିଚା ଯାତ୍ରା ଆସିବାର ପୂର୍ବ ସମୟ। ଛୋଟିଆ ତନ୍ତୀ କାରିଗରଟି ହୋଇଥିଲେ ମଧ୍ୟ ଭକ୍ତ ଭାବନାରେ ଗଦ ଗଦ ହୋଇ ମହାପ୍ରଭୁଙ୍କୁ ରଥାରଢ଼ରେ ଦର୍ଶନ କରି ଭାବତନ୍ମୟ ହୋଇପଡୁଥିଲା। ଦାଢ଼ାତ୍ୟା ଭକ୍ତିରେ କବିରାମ ଦାସ ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି – ‘କଳା ଶ୍ରୀମୁଖକୁ ଅନାଇ, ବେନି ନୟନୁ ଧାର ବହି, ରଙ୍ଗ ଅଧର କଳା ଡୋଳା, ଦେଖି ଭାବରେ ହେଲା ଭୋଳା।’ ଶ୍ରୀକ୍ଷେତ୍ରରୁ ରଥାରୁଢ଼ ପରମବ୍ରହ୍ମ କାଳିଆ ସାଆନ୍ତଙ୍କୁ ପେଟ ପୁରାଇ ଦର୍ଶନ କରି ଭକ୍ତ ଦାସିଆ ଘରକୁ ଫେରିଥିଲେ। ତନ୍ତୀ ଘର ଯେହେତୁ, ତାଙ୍କ ଧର୍ମପତ୍ନୀ ଘରେ ଥିବା ରଙ୍ଗ ହାଣ୍ଡିରେ ରାନ୍ଧିଥିବା ଖାଦ୍ୟ ଭାବେ ପେଜମିଶା ଭାତ ବା ଜାଉ ଆଣି ତାଙ୍କ ସାମ୍ନାରେ ରଖିଥିଲେ। ଆଉ ତା ମଝିରେ ଥିଲା ନିଜ ବାରିର ମେଞ୍ଚାଏ ଶାଗର ଭଜା। ହୃଦୟସ୍ପର୍ଶୀ ଭାବେ ଏହାର ଅତି ସୁନ୍ଦର ବର୍ଣ୍ଣନା ରହିଛି ‘ଦାର୍ଢ଼ତା ଭକ୍ତି’ରେ। ତାହା ଦେଖି ଦାସିଆ ମନରେ ଭାବାନ୍ତର ହେଲା ‘ହାଣ୍ଡି ସୁରଙ୍ଗ ପେଜ ଧଳା, ତା ମଧ୍ୟେ ଶାଗ ଦିଶେ କଳା, ସାକ୍ଷାତେ ପଦ୍ମଡୋଳା, ଏହି, ଗୋଳି କି ରୂପେ ଖାଇବଇଁ।’ ଆମ ଓଡ଼ିଆ ଚଳଣୀରେ ଓ ଖାଦ୍ୟ ପ୍ରସ୍ତୁତିରେ ପେଜ ହେଉଛି ରନ୍ଧା ଭାତର ଫେଣ। ଭାତ ରାନ୍ଧିଲେ ଯେଉଁ ଫେଣମୟ ଜଳ ବାହାରେ ତାହା ପେଜ। ପେଜ ମଧ୍ୟ ଅନେକ ଅଞ୍ଚଳରେ ରନ୍ଧାଭାତକୁ ବୁଝାଏ। ତାତ୍ପର୍ଯ୍ୟପୂର୍ଣ୍ଣ ଏହି ଯେ ଦାସିଆ ବାଉରିର ଏହି ପେଜ ବା ପଖାଳ ମଧ୍ୟ ତା ନଡ଼ିଆ ପରି ଭକ୍ତଭାବଗ୍ରାହୀଙ୍କ କିମ୍ବଦନ୍ତୀ ଅଙ୍ଗ ହୋଇଛି। ଶ୍ରୀଜଗନ୍ନାଥଙ୍କ ଭୋଗସାମଗ୍ରୀ ମଧ୍ୟରେ ଅନ୍ୟୁନ୍ୟ ପାଞ୍ଚ ପ୍ରକାରର ପଖାଳ ଭୋଗ। ଶ୍ରୀଜଗନ୍ନାଥଙ୍କ ପଖାଳପ୍ରିୟତାର ନିଦର୍ଶନ ହୋଇଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମସ୍ତ ନୀତିକାନ୍ତି ଓଡ଼ିଆ ଭକ୍ତି ଭାବନାର ବିଶ୍ୱାସ, ପରମ୍ପରା ଓ ବିଚାର ଉପରେ ପର୍ଯ୍ୟବେଶିତ। ମହାପ୍ରଭୁ ଆମ ସମସ୍ତଙ୍କୁ କୃପା ପ୍ରଦାନ କରୁଥାନ୍ତୁ ଏହା ହିଁ କାମନା।

*ଅଣିକଣା, ବରୀ, ଯାଜପୁର*

# ମାନସିକ ସ୍ୱାସ୍ଥ୍ୟ ପାଇଁ କଲରିଂ



**ଡାକ୍ତର ସମ୍ରାଟ କର**

ଅନୁଜ ପ୍ରତୀମ ଶ୍ରୀକାନ୍ତ ସେ ଦିନ ବ୍ୟସ୍ତ ହୋଇପଡ଼ି ମୋତେ ପଚାରିଲେ ଯେ ଘରେ ମୋର ଦୁଇଟା ଯାକ ପିଲା କିଛି ନା କିଛି ହାତ ଅଙ୍କାରେ ନିଜକୁ ବ୍ୟସ୍ତ ରଖିବା ପାଇଁ ଭଲ ପାଉଛନ୍ତି। ଯଦି ତାଙ୍କୁ ମୁଁ କୌଣସି କଲରିଂ ସାମଗ୍ରୀ ନ ଆଣି ଦେଉଛି ତେବେ ଘରେ ଥିବା କୌଣସି ରଙ୍ଗ ପଦାର୍ଥର ଜିନିଷ ବା ସେହିପରି ସାମଗ୍ରୀକୁ ନେଇ ସେମାନେ କାଗଜରେ ହେଉ କିମ୍ବା ସିଲଟରେ, ଭୂମି ତଳରେ ହେଉ ଏପରିକି ଖୋଲା ପଡ଼ିଆର ପ୍ରଶସ୍ତ ସ୍ଥାନ ମାନଙ୍କରେ। ସାର୍, ମୋତେ ଲାଗୁଛି ମୋର ଏ ପିଲା ଦିଟାଙ୍କର ବୋଧେ ମୁଣ୍ଡ ଖରାପ ହୋଇଗଲାଣି ନା କ’ଣ ? ଏ ଦୁଇଜଣ ବଡ଼ ହେଲେ ଦୁଇଟା ଯାକ ମସ୍ତବଡ଼ ପାଗଳ ହେବେ ! ଶ୍ରୀକାନ୍ତର କଥାଟି ଶୁଣି ମୁଁ ଟିକେ ହସିଲି। ଆଉ ତାଙ୍କୁ ସବିଶେଷ ବୁଝାଇ କହିଲି ଯେ ସାଧାରଣତଃ ଛୋଟ ବେଳେ ସମସ୍ତଙ୍କୁ ଚିତ୍ରରେ ରଙ୍ଗ ଭରିବାକୁ ଭଲ ଲାଗେ। ବଡ଼ ହେବା ପରେ ଏଥିରୁ ନିଜକୁ ଦୂରେଇ ରଖନ୍ତି। ତେବେ ଆଜିର ସମୟରେ ଏ କାମ କେବଳ ଛୋଟ ପିଲାଙ୍କ ମଧ୍ୟରେ ସୀମିତ ନାହିଁ, ଏହି କାର୍ଯ୍ୟକଳାପ ବଡ଼ ମାନଙ୍କ ପାଇଁ ବି ଉତ୍ତମ। ଏବେ ବଡ଼ ପିଲାଙ୍କ ପାଇଁ କଲରିଂ ବହି ମିଳୁଛି। ଯାହାକି ମାନସିକ ସ୍ୱାସ୍ଥ୍ୟ ଉପରେ ଆଧାରିତ। କଲରିଂ ବହିର ପ୍ୟାଟର୍ଣ୍ଣ ଅବସାଦ କମ କରି ସୃଜନଶୀଳତା ବୃଦ୍ଧିରେ ସାହାଯ୍ୟ କରେ।

ଆମେ ନିତିଦିନିଆ ସମୟକୁ ଦେଖିଲେ ଜାଣୁ କେବଳ ଛୋଟ ପିଲା ନୁହଁନ୍ତି ବଡ଼ ବଡ଼ ଲୋକମାନେ ମଧ୍ୟ ଏପରିକି ସମାଜରେ ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ଓ ଅତ୍ୟନ୍ତ ବ୍ୟସ୍ତ ବହୁଳ ସମୟ ବିତାଉଥିବା ଲୋକମାନଙ୍କ ଭିତରେ ଏହି ଅନ୍ତର୍ନିହିତ ସୃଜନ କଳା ପ୍ରତି ଆଗ୍ରହ ଓ ଆବେଗ ରହିଛି। ଧାଁ ଧଉଡ ଓ ଗୁରୁତ୍ୱପୂର୍ଣ୍ଣ କର୍ମବ୍ୟସ୍ତ ସମୟରୁ କିଛି କାଢ଼ି ସେମାନେ ଏଥି ନିମିତ୍ତ ସମୟ ଦିଅନ୍ତି ଓ ଚମତ୍କାର ଚିତ୍ର କଳା ମଧ୍ୟ ଆଙ୍କି ଥାଆନ୍ତି। ଚଳିତ ନିର୍ବାଚନରେ ତୃଣମୂଳ କଂଗ୍ରେସରେ ସୁପ୍ରିମ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାସ୍ତା କଡ଼ରେ ଜଣେ ଚିତ୍ରଶିଳ୍ପ ସହିତ କଥା ହୋଇ ସେ ତୁଳୀରେ ଆଙ୍କୁଥିବା ଛବିକୁ ଦେଖି ନିଜେ ତାଙ୍କ ସହ ରଙ୍ଗ ତୁଳୀରେ କିଛି ସମୟ ବିତାଇଥିଲେ। ସେହିପରି ଓଡ଼ିଆ ପୁଅ ତଥା ବିଶ୍ୱପ୍ରସିଦ୍ଧ ଚିତ୍ରଶିଳ୍ପୀ ଭାବେ ପ୍ରତିଷ୍ଠିତ ହୋଇଥିବା ବର୍ତ୍ତମାନର ସ୍ୱିଡ଼େନର ଅଧିବାସୀ ପି.କେ. ମହାନନ୍ଦୀୟାଙ୍କ କଥା ଟିକେ ମନେ ପକାନ୍ତୁ। ସେ ମଧ୍ୟ ଜଣେ ଚମତ୍କାର ଓ ସୁନାମଧନ୍ୟ ଚିତ୍ର ଶିଳ୍ପୀ। ତେବେ ବର୍ତ୍ତମାନ ସୁଦ୍ଧା ପର୍ଯ୍ୟନ୍ତ ଆମ ମାନଙ୍କ ଭିତରେ କଲରିଂ କରୁଥିବା ପିଲା ବା ଲୋକମାନଙ୍କ ଉପରେ ସେତେଟା ଏକ ଭଲ ଧାରଣା ତିଆରି ହୋଇପାରିନାହିଁ। ଏହା ଯେ ଏକ ଚମତ୍କାର ଓ ଭଗବାନଙ୍କ ପ୍ରଦତ୍ତ ସୃଜନଶକ୍ତିର ବିକଶିତ ରୂପରେଖ ତାହା ଆମକୁ ବୁଝିବାରେ ସେତେଟା ସହଜ ହୋଇପାରିନାହିଁ। ଅବସର ବିନୋଦନ ହେଉ ବା ଅସ୍ଥିର, ବିଚଳିତ ମନକୁ ଏକାଗ୍ର ରାସ୍ତାରେ ଆଗେଇ ନେବା ପାଇଁ କଲରିଂ ଏକ ଚମତ୍କାର ମାଧ୍ୟମ। ବର୍ତ୍ତମାନ ଏହି କଲରିଂକୁ ନେଇ ଅନେକ ପାଠ୍ୟକ୍ରମ ମଧ୍ୟ ତିଆରି ହେଲାଣି। ବୃତ୍ତିଗତ କ୍ଷେତ୍ର ଭାବେ ଏହା ମଧ୍ୟ ଜଣକୁ ଯଥାର୍ଥ ପରିଚୟ ଦେବା ସହ ଗୁଜୁରାଣ ମେଣ୍ଟାଇବା ପାଇଁ ଅର୍ଥ ରୋଜଗାରର ଏକ ସମ୍ମାନଜନକ ମାଧ୍ୟମ ପାଲଟି ସାରିଲାଣି। ତଥାପି କେତେକ ଅଭିଭାବକ ସେମାନଙ୍କ ପିଲାମାନଙ୍କର ଛୋଟ ବେଳର କଲରିଂରେ ବ୍ୟସ୍ତତାକୁ ସେପରି ବେଶ ସହଜରେ ଗ୍ରହଣ କରିପାରିନଥାନ୍ତି।

ଗମ୍ଭୀର ଚିନ୍ତାରୁ ଧ୍ୟାନ ହଟାଇବା ପାଇଁ କଲରିଂ ବୁକ ସାହାଯ୍ୟ କରେ। ଏଭଳି ମଜାଦାର ଗତିବିଧି ମାଧ୍ୟମରେ ଶାନ୍ତି ଏବଂ ବିଶ୍ରାମ ଭାବନା ବୃଦ୍ଧି ପାଏ। ସେହିପରି ଚିତ୍ରରେ ରଙ୍ଗ ଭରିବା ହେଉଛି ଏକ ସୃଜନାତ୍ମକ ଏବଂ ମଜାଦାର କାମ। ଏହା ଦ୍ୱାରା ମନକୁ ଶାନ୍ତ କରିବା ସମ୍ଭବ। ଜଟିଳ ଚିତ୍ରରେ ରଙ୍ଗ ଭରିବା ଦ୍ୱାରା ଧ୍ୟାନ ସେଥିରେ ରହେ ଏବଂ ମନ ବିଚଳିତ ହୁଏନାହିଁ। କଲରିଂ ସୃଜନାତ୍ମକ ଜ୍ଞାନ କୌଶଳ ବୃଦ୍ଧିରେ ସାହାଯ୍ୟ କରେ। ନିଜର କଳାତ୍ମମ ଅଭିବ୍ୟକ୍ତିକୁ ଜାଣିବାର ଏହା ଏକ ସହଜ ଉପାୟ। କାରଣ ଦୁଇ ଜଣଙ୍କୁ ଗୋଟିଏ ଚିତ୍ରରେ ରଙ୍ଗ କରିବାକୁ ଦେଲେ ଦୁଇଜଣ ଭିନ୍ନ ଭିନ୍ନ ରଙ୍ଗକୁ ଚୟନ କରନ୍ତି। ଏଥିରୁ ଜଣାପଡ଼େ ଯେ ସମସ୍ତଙ୍କ ଚିନ୍ତାଧାରା ଭିନ୍ନ। କଲରିଂ ନକାରାତ୍ମକ ଚିନ୍ତାରୁ ଦୂରେଇ ରଖିବାରେ ସାହାଯ୍ୟ କରେ। ନିତିଦିନିଆ ମୋ ମାନସିକ ଚିକିତ୍ସା, ନିଦାନ ଓ ପରାମର୍ଶ କେନ୍ଦ୍ରରେ ଅନେକ ପୀଡ଼ିତ ମାନଙ୍କୁ ସାମ୍ନା କରିଥାଏ ଯେଉଁମାନେ ମାନସିକଭାବେ ଅସୁସ୍ଥ ହେବା ପୂର୍ବରୁ ବେଶ ଭଲ ଭାବେ କଲରିଂରେ ନିଜକୁ କିଛି ସମୟ ବିତାଇ ସମୟ କାଟୁଥିଲେ। କଲରିଂ ଏକ ଏପରି ଅନ୍ତର୍ନିହିତ ସୃଜନଶକ୍ତି ଯାହା ନିଜ ଆଖପାଖର ପରିବେଶ, କାର୍ଯ୍ୟକଳାପ ଓ ଜୀବନ ଚରିତ୍ରର ଲୋକମାନଙ୍କ ସମ୍ବନ୍ଧରେ କିଛି ଜଣାଇଥାଏ ସେମାନଙ୍କୁ ଅନେକ ମାନସିକ ଶାନ୍ତି ଦେଇଥାଏ। ଯଦିଓ କଲରିଂ କେତେକ ନିର୍ଦ୍ଦିଷ୍ଟ ମାନସିକ ପୀଡ଼ିତ ମାନଙ୍କ ପାଇଁ ଏକ ପ୍ରକାର ଯନ୍ତ୍ରଣାର କାରଣ ହୋଇଥାଏ ତାହା ତ ଅଲଗା କଥା ତେବେ ମାନସିକ ସ୍ୱାସ୍ଥ୍ୟ ପାଇଁ କଲରିଂ ଏକ ଏପରି ଶକ୍ତିଶାଳି ଭିଟାମିନ ପରି କାର୍ଯ୍ୟ କରିଥାଏ ଯେ ଅନେକ ଏହା ବିନା ବଞ୍ଚି ନପାରିବା ପରି ଅନୁଭବ କରନ୍ତି। ସତେଯେପରି ମାଛ ବିନା ଜଳ। ତେବେ କେଉଁ ମାନଙ୍କୁ କେଉଁ କେଉଁ ରଙ୍ଗ ପସନ୍ଦ ଆସିଥାଏ ତାହା ସେମାନଙ୍କ ବ୍ୟକ୍ତିଗତ ଆଗ୍ରହ। ମୁଁ କେତେକ ନିର୍ଦ୍ଦିଷ୍ଟ ମାନସିକ ଅସହାୟ ଓ ପୀଡ଼ିତ ମାନଙ୍କ ପାଇଁ ସେମାନଙ୍କ ପୂର୍ବ ଜୀବନର ଜୀବନ ରେଖା, କାର୍ଯ୍ୟକଳାପ ଓ ବ୍ୟକ୍ତିଗତ ରୁଟିନ ବୁଝିବା ସମୟରେ ଯେତେବେଳେ ଜାଣେ ଯେ ସେମାନେ ପୂର୍ବରୁ ଜଣେ ଜଣେ ରଙ୍ଗ ତୁଳୀର ନାୟକ ଥିଲେ, ସେମାନଙ୍କ ନିକଟ ଲୋକମାନଙ୍କୁ ସେହି ରଙ୍ଗତୁଳୀ ଜୀବନକୁ କିଛି ମାତ୍ରାରେ ଫେରାଇବା ପାଇଁ ପରାମର୍ଶ ଦେଇଥାଏ। ତେଣୁ କଲରିଂ ଯେ ଜୀବନ ଅବସାଦ ନୁହେଁ ବରଂ ଜୀବନ ବଞ୍ଚିବାର ଅମୃତ ମହୌଷଧି ଏବଂ ସର୍ବୋପରି ଏହା ଏକ ରଙ୍ଗୀନ ମାନସିକତାର ଜୀବନ ଅଭିବୃଦ୍ଧି ଏହାକୁ ବୁଝନ୍ତୁ ଆଉ ଗ୍ରହଣ କରନ୍ତୁ। ଏ ସଂକ୍ରାନ୍ତରେ ଆପଣ କୌଣସି ଅଧିକ ପରାମର୍ଶ ବା ସହଯୋଗ ଚାହୁଁଥିଲେ ମୁଁ ଆପଣଙ୍କୁ ନିଶ୍ଚିନ୍ତ ସହାୟତାର ହାତ ବଢ଼ାଇବି। ଆମ ଜୀବନ ରଙ୍ଗମଞ୍ଚରେ ରଙ୍ଗତୁଳୀ ବା କଲରିଂ ସମସ୍ତଙ୍କ ଖୁସି, ଆନନ୍ଦ ଓ ସୁସ୍ଥ ମାନସିକତାର ପରିଧିକୁ ଆହୁରି ରଙ୍ଗୀନ କରୁ। ଆଜି ପାଇଁ ଏହି ଶୁଭକାମନା।

*ମାନସିକ ରୋଗ ବିଶେଷଜ୍ଞ, ଦି’ବ୍ରେନ, ପୁରୀଘାଟ ରୋଡ଼, କଟକ*

# ସମୟର ମୂଲ୍ୟ ଦିଏ, ସୁଖ ଓ ସମୃଦ୍ଧି



ମନୁଷର ଜୀବନ କାଳ ସୀମିତ । ସମୟର ଗତି ଅତି ଦ୍ରୁତ । ମହା ମୂଲ୍ୟବାନ ସମୟ କାହାରି ପାଇଁ ଅପେକ୍ଷା କରେ ନାହିଁ । ସମୟ ଆମର ଅନୁବର୍ତ୍ତୀ ନୁହେଁ, ଆମକୁ ସମୟର ଅନୁବର୍ତ୍ତୀ ହେବାକୁ ପଡିବ । ତେଣୁ ପ୍ରବାଦ ଅଛି “ସମୟ ଓ ସ୍ରୋତ କାହାରି ପାଇଁ ଅପେକ୍ଷା କରେ ନାହିଁ । ଆମ ମାନଙ୍କର ନିର୍ଦ୍ଧାରିତ ଆୟୁଷ ମଧ୍ୟରେ ସମୟର ମୂଲ୍ୟ ଯେ କେତେ ବେଶୀ, ତାହା ବିବେକୀ ମନୁଷ୍ୟ ହିଁ କେବଳ ହୃଦୟଙ୍ଗମ କରି ପାରିବେ । ଅତୀତ ଯୁଗରେ ଲୋକମାନେ ଦିନରେ ସୂର୍ଯ୍ୟ ଓ ରାତ୍ରୀକାଳରେ ଚନ୍ଦ୍ର ଦେଖି ସମୟ ଜାଣି ପାରୁଥିଲେ । ନିଜର ଛାଇ ଦେଖି ମଧ୍ୟ ଦିନରେ ସମୟ ଅନୁମାନ କରୁଥିଲେ । କାଳକ୍ରମେ ବିଜ୍ଞାନର ସହାୟତାରେ ସମୟ ଜାଣିବା ପାଇଁ ଘଣ୍ଟାର ଉଦ୍ଭାବନ ହେଲା । ଏହା ଦ୍ୱାରା ଛାତ୍ର ମାନେ ଘଣ୍ଟା ଦେଖି ସ୍କୁଲକୁ ଯାଉଥିଲେ ଓ ସରକାରୀ ଓ ବେସରକାରୀ କର୍ମଚାରୀ ମାନେ ଠିକ୍ ସମୟରେ କାର୍ଯ୍ୟାଳୟରେ ପହଚିଂବା ପାଇଁ ଘଣ୍ଟାର ସହାୟତା ନେଉଥିଲେ । ସକାଳରେ ଶଯ୍ୟାତ୍ୟାଗ, ବିଦ୍ୟାଭ୍ୟାସ ଭୋଜନ ଓ ଶୟନ ଯଥା ସମୟରେ ସଂପାଦନ କରିବା ପାଇଁ ଘଣ୍ଟା ଆମକୁ ସମୟ ସୁଚାଇ ଦିଏ । ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ଠିକ୍ ସମୟରେ ଆରମ୍ଭ ଓ ଠିକ୍ ସମୟରେ ଶେଷ କରିବା ଉଚିତ ଅଟେ । ଏହା ହିଁ ସମୟାନୁବର୍ତ୍ତିତା, ଯେଉଁ ବ୍ୟକ୍ତି ଆଳସ୍ୟର ବଶବର୍ତ୍ତୀ, ସେ କେବେ ମୂଲ୍ୟବାନ ସମୟର ସଦୁପଯୋଗ କରିପାରିବ ନାହିଁ । ସେଥିପାଇଁ ମନୁଷ୍ୟଠାରେ ନିଷ୍ଠା ଓ ଦୃଢ ମନୋବଳ ରହିବା ଦରକାର। ସମୟର ସଦ୍ ବ୍ୟବହାର କରିବା ପାଇଁ ବାର ମ୍ବାର ଅଭ୍ୟାସ ଦ୍ୱାରା ତାହା କ୍ରମଶଃ ନିଜ ପ୍ରକୃତିର ଅଙ୍ଗୀଭୂତ ହୋଇଯିବ, ଆଉ କୌଣସି କଷ୍ଟ କିମ୍ବା ଅସୁବିଧା ଅନୁଭୂତ ହେବ ନାହିଁ । କିନ୍ତୁ ଦୁଃଖର କଥା କେତେକ ବ୍ୟକ୍ତି ସମୟର ଅପବ୍ୟବହାର କରୁଛନ୍ତି, ଯଦ୍ୱାରା ସେମାନେ ନିଜର କ୍ଷତି କରୁଛନ୍ତି । ନିଜର ଆତ୍ମ ବିଶ୍ୱାସ ଓ ଆତ୍ମବଳ ହରାଇ ବସୁଛନ୍ତି । ଜୀବନକୁ ସରସ ସୁନ୍ଦର କରିବା ପାଇଁ ସମୟକୁ ବୃଥାରେ ଯିବାକୁ ନ ଦେବା ଆତ୍ମମାନଙ୍କର ପରମ କର୍ତ୍ତବ୍ୟ ହେବା ଉଚିତ୍ । ମନୁଷ୍ୟ ଆତ୍ମନିର୍ଭରଶୀଳ ହେବା ପାଇଁ ଯେତେ ଗୁଡିଏ ସୁଗୁଣ ଆବଶ୍ୟକ ତନ୍ମଧ୍ୟରୁ ସମୟାନୁବର୍ତ୍ତିତା ଅନ୍ୟତମ । ଏହା ଆତ୍ମମାନଙ୍କର ବହୁ ମୂଲ୍ୟବାନ ସମୟର କୌଣସି ଅଂଶକୁ ନଷ୍ଟ କରିବାକୁ ଦିଏ ନାହିଁ । ସଞ୍ଚିତ ସମୟରେ ବ୍ୟକ୍ତି ଅଧିକ ଜ୍ଞାନ ଓ ଧନ ଅର୍ଜନ କରିବାରେ ସକ୍ଷମ ହୁଏ । ଦୈନନ୍ଦିନ ଜୀବନ ଯାତ୍ରାରେ ସମୟାନୁବର୍ତ୍ତିତା ପାଳନ କଲେ ବ୍ୟକ୍ତି ମାନଙ୍କର ସ୍ୱାସ୍ଥ୍ୟ ଅତୁଟ ରହେ । ଠିକ୍ ସମୟରେ ଆବଶ୍ୟକୀୟ କାର୍ଯ୍ୟ ଦ୍ୱାରା ମନୁଷ୍ୟ ସୁଖ ଓ ସମୃଦ୍ଧି ଲାଭ କରେ ଓ ତାହାର ଜୀବନ ଧନ୍ୟ ହୁଏ । କୃଷି ଓ ଶିଳ୍ପ ଆଦି କାର୍ଯ୍ୟରେ ଆବଶ୍ୟକତା ଅନୁଯାୟୀ କାର୍ଯ୍ୟ ନ କରାଗଲେ ଗୁରୁତର କ୍ଷତି ସହିବାକୁ ପଡେ । ଶସ୍ୟ କ୍ଷେତ୍ରରେ ଉପଯୁକ୍ତ ସମୟରେ ଜଳସେଚନ ଓ ସାର ପ୍ରୟୋଗ ନ କରାଗଲେ କୃଷକର ବହୁ ପରିଶ୍ରମର ଫସଲ ନଷ୍ଟ ହୋଇଯାଏ । ଭୋଜନ ଓ ଶୟନ ସମୟାନୁସାରେ ନ କରାଗଲେ କ୍ରମଶଃ ସ୍ୱାସ୍ଥ୍ୟ ହାନି ଘଟିଥାଏ । ଏହାଦ୍ୱାରା ରୋଗ ସୃଷ୍ଟି ହୋଇ ମନୁଷ୍ୟ ଅକାଳରେ ମୃତ୍ୟୁବରଣ କରିଥାଏ । ସମୟର ସଦୁପଯୋଗ ନକଲେ କର୍ମ କ୍ଷେତ୍ରରେ ମନୁଷ୍ୟର ଦକ୍ଷତା ହ୍ରାସ ପାଏ । ସମୟ ମୂଲ୍ୟବାନ ଏହାର ଅପବ୍ୟବହାର କରିବା ଦ୍ୱାରା ମଣିଷ ଦୁଃଖ ପାଏ, ମାନସିକ ସ୍ଥିରତା ହରାଇ ଥାଏ । ନିଜର ମନବଳ କ୍ରମଶଃ କମିଯାଏ । ନିଜେ ଆତ୍ମନିର୍ଭରଶୀଳ ହୋଇ ପାରେ ନାହିଁ । ମନବଳ ଓ ନୈତିକ ଶକ୍ତି ଅଭାବରୁ ସେ ଦୁଃଖ ଓ ଅଶାନ୍ତିରେ କାଳତିପାତ କରେ । ସେହିଭଳି ବ୍ୟକ୍ତି ମାନଙ୍କର ସଂଖ୍ୟା ବୃଦ୍ଧି ହେଲେ ସମାଜର ଅଧଃପତନ ଘଟେ ଓ ଦେଶର ପ୍ରଗତି ଓ ବିକାଶ ବାଧାପ୍ରା ପ୍ତ ହୁଏ । ବଡ ବଡ ଯୋଦ୍ଧା ଶାସକ, ରାଜନୀତିଜ୍ଞ ଓ ପଣ୍ଡିତମାନେ ସେମାନଙ୍କର ଉନ୍ନତି ମୂଳରେ ସମୟାନୁବର୍ତ୍ତିତାକୁ ଭି ରୂପେ ସ୍ଥାପନ କରିଥିଲେ । ମହାବୀର ଆଲେକ୍ଜାଣ୍ଡାର, ନେପୋଲିୟନ ବୋନାପାର୍ଟ ପରି ବୀରମାନେ ସମୟର ମୂଲ୍ୟକୁ ପ୍ରଧାନ ନୀତି ରୂପେ ଗ୍ରହଣ କରିଥିଲେ । ବଡ ବଡ ଯୋଦ୍ଧା ଯୁଦ୍ଧ ସମୟରେ ମଧ୍ୟ ସମୟାନୁବର୍ତ୍ତିତା ବଳରେ ସମୟ ବାହାର କରି କାବ୍ୟକବିତା, ସାହିତ୍ୟ ପାଠ କରିବା ପାଇଁ ସକ୍ଷମ ହୋଇ ପାରୁଥିଲେ । ଆମ ଦେଶର ଯେଉଁ ବ୍ୟକ୍ତିମାନେ ଉନ୍ନତିର ତୁଙ୍ଗ ଚୂଡାରେ ପ୍ରତିଷ୍ଠିତ ହୋଇପାରିଛନ୍ତି ସେମାନଙ୍କ ଉନ୍ନତି ମୂଳରେ ସମୟାନୁବର୍ତ୍ତିତା, ଦୃଢ ଇଚ୍ଛାଶକ୍ତି ଓ ସଶ୍ରମ ଉଦ୍ୟମ ମୂଳକ କର୍ମ ପ୍ରବାହ ରହିଛି । ମହାମାନବ ମହାତ୍ମାଗାନ୍ଧି ଅବସର ସମୟରେ ଅରଟରେ ସୂତା କାଟୁଥିଲେ । ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାର ନେଟାଲଠାରେ ଏକ ଉଦ୍ୟାନରେ ନିଜର ସହକର୍ମୀମାନଙ୍କ ସହିତ ସମୟ ଦେଇ ନିୟମିତ ଭାବରେ ଉଦ୍ୟାନ କର୍ମମାନ କରୁଥିଲେ । ତାଙ୍କର ଅଭ୍ୟାସ ବଳରେ ସେ ସମାୟାନୁବର୍ତ୍ତୀ ହୋଇ ନିଜ ଆଦର୍ଶରେ ଲୋକମାନଙ୍କୁ ଅନୁପ୍ରାଣିତ କରି ପାରିଥିଲେ ।ଠିକ୍ ସମୟରେ ନିଜର ଆବଶ୍ୟକତା ଅନୁଯାୟୀ କାର୍ଯ୍ୟ କରିବା ସମୟାନୁବର୍ତ୍ତିତା ଏକ ଅଙ୍ଗ । ଏହାଦ୍ୱାରା ମନୁଷ୍ୟର କୌଣସି ସମୟ ବୃଥା ଯାଏ ନାହିଁ । ସମୟାନୁବର୍ତ୍ତିତା କେବଳ ବ୍ୟକ୍ତି ପାଇଁ ଆବଶ୍ୟକ ସେତିକି ନୁହେଁ । ଆନୁଷ୍ଠାନିକ ଓ ପ୍ରଶାସନିକ କ୍ଷେତ୍ରରେ ମଧ୍ୟ ଏହାର ଆବଶ୍ୟକତାରହିଅଛି । ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଓ ପ୍ରଶାସନ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ମାନେ ସମୟାନୁବର୍ତ୍ତିତା ପାଳନ କରିବା ଆବଶ୍ୟକ ଅଟେ । ଏହାଦ୍ୱାରା ଗ୍ରାମ, ସହର ଓ ରାଜ୍ୟରେ ସମୃଦ୍ଧି ଓ ବିକାଶ ସ ମ୍ଭବ ହୋଇପାରିବ।

*ସେକ୍ଟର-୯, ସି.ଡି.ଏ କଟକ, ଦୂରଭାଷ – ୯୯୩୭୨୨୪୦୮୫*




# କୃଷି ବିଲ୍‌କୁ ବିରୋଧ କରି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ ସମାବେଶ



ଖୋର୍ଦ୍ଧା (ପିଏନ)-କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଆଣିଥିବା କୃଷି ବିଲ ହେଉଛି କୃଷି ମାରଣ ବିଲ୍। ଏହି ବିଲ୍ ପାସ୍ ହେବା ଦ୍ୱାରା ବଡ ବଡ କମ୍ପାନୀ ଓ ପୁଞ୍ଜିପତିଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇଛି। ଏହି କୃଷି ମାରଣ ବିଲ୍‌କୁ ସାରା ଭାରତବର୍ଷରେ ଚାଷୀ, ସାଧାରଣ ଲୋକ ବିରୋଧ କରୁଥିବା ବେଳେ ଓଡିଶାରେ ମଧ ବିରୋଧ କରାଯାଇଛି। ଏହି ଅବସରରେ କିଛି ଦିନ ତଳେ ପ୍ରଦେଶ କଂଗ୍ରେସ ପକ୍ଷରୁ ବାଲେଶ୍ୱର ଠାରେ ଏକ ରାଜ୍ୟସ୍ତରୀୟ କୃଷି ସମାବେଶ ଅନୁଷ୍ଠିତ ହୋଇଥିଲା। ସେହିପରି ଆଜି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ଖୋର୍ଦ୍ଧାରେ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଶହ ଶହ କଂଗ୍ରେସ କର୍ମୀ ଏବଂ ଚାଷୀ ସେମାନଙ୍କ ଟ୍ରାକ୍ଟର ଓ ହଳଲଙ୍ଗଳ ଧରି ଅଭିନବ ଉପାୟରେ ଏକ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିଥିଲେ। କୃଷି ବିଲ୍ ଆଇନ୍‌ର ପ୍ରତ୍ୟାହାର ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ତହସିଲ୍‌ଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି କୃଷି ବିଲ୍ ପାରିତ ହେବା ଦ୍ୱାରା କୃଷକମାନେ କେତେ ଯେ ହଇରାଣ ହରକତ ହେବେ ବୋଲି ବିଧାୟକ ସୁରେଶ କୁମାର ରାଉତରାୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଓଡିଶାରେ କଂଗ୍ରେସ ସରକାର ସମୟରେ ଚାଷୀମାନଙ୍କର ଅଭୂତପୂର୍ବ ଉନ୍ନତି ହୋଇଥିଲା। କୃଷି ଶିକ୍ଷ ସାଂଗକୁ ଜଳସେଚନ ବ୍ୟବସ୍ଥାକୁ ମଜବୁତ କରାଯାଇଥିଲା। ଦିର୍ଘ ୨୧ ବର୍ଷ ଧରି ଏଠାରେ ଶାସନ କରୁଥିବା ନବୀନ ସରକାର ଚାଷୀ ତଥା କୃଷି କ୍ଷେତ୍ରକୁ ଅବହେଳା କରିଛନ୍ତି। ଏହି ଚାଷୀବିଲ୍ ପାରିତ ହେବା ପରେ ଚାଷୀମାନେ ତାଙ୍କ ଖାଦ୍ୟଶସ୍ୟର ଉପଯୁକ୍ତ ମୂଲ୍ୟ ନପାଇବାରୁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାଧାରଣ ଜନତା ବି ଏଥିରୁ ତ୍ରାହି ପାଇନାହାନ୍ତି। ବର୍ତମାନ ଅତ୍ୟାବଶ୍ୟକୀୟ ସାମଗ୍ରୀ, ଫଳ, ପନିପରିବା ଦର ହୁ ହୁ ହୋଇ ବଢ଼ିଚାଲିଛି। ରାଜ୍ୟରେ କରୋନା ମହାମାରୀ ବର୍ତମାନ ସଂକଟ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ସାଧାରଣ ଲୋକଟିଏ ଜୀବନ ବଂଚାଇବା ପାଇଁ ସଂଘର୍ଷ କରୁଛି। ଏହି ସମୟରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଢ଼ିବା ତାଙ୍କ ଉପରେ ବୋଝ ଉପରେ ଲଳିତାବିଡା ସଦୃଶ ହୋଇଛି। ତେଣୁ ଏହି କଳା କୃଷି ବିଲ୍ ଆଇନ୍‌କୁ ସମସ୍ତ ଜନସାଧାରଣ ବିରୋଧ କରିବା ଉଚିତ୍ ବୋଲି ଶ୍ରୀ ରାଉତରାୟ ତାଙ୍କ ଉଦ୍‌ବୋଧନରେ କହିଥିଲେ। ଆଜିର ସମାବେଶରେ ଅନ୍ୟମାନଙ୍କ ମଧରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶୁଭେନ୍ଦୁ ମହାନ୍ତି, ପ୍ରଦୀପ ସ୍ୱାଇଁ, ପ୍ରଦୀପ ସାହୁ, ଶିଶିର ପରିଡା, ସଂଗ୍ରାମ ରାଉତରାୟ, ସୁନିଲ୍ ରାଉତରାୟ, ସୁଧାଂଶୁ ମୋହନ ପଟ୍ଟନାୟକ, ତ୍ରିଲୋଚନ ପ୍ରଧାନ, ତପନକାନ୍ତ ଚକ୍ରବର୍ତୀ, ଅମିତ୍ ମହାନ୍ତି, କଳିଙ୍ଗ ସାହୁ, ନୌସର ଅଲ୍ଲୀ, ବୃନ୍ଦାବନ ସାହୁ, ଅନନ୍ତ ବେହେରା, ବାବୁଲି ରାଉତରାୟ, ଦିବାକର ବେହେରା, ପଦୁ ରାୟ, ସଂଜୟ ପଟ୍ଟନାୟକ, ଜୟକୃଷ୍ଣ ମଲିଆ, ସ୍ୱାଗତ କର, ବଟକୃଷ୍ଣ ରାଉତରାୟ, ଜୟନ୍ତ ଭୋଇ, ପ୍ରସାଦ ବଳିୟାରସିଂ, କାଳନ୍ଦି ଚରଣ ନାୟକ, ସୁବାସ ପାତ୍ର ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

## ଦେଢ଼ କୋଟିରୁ ଊର୍ଦ୍ଧ ଗଞ୍ଜେଇ ସହ ୮ ଗିରଫ୍, ପରିବାର ଲୋକେ ୪ ଘଣ୍ଟା ରାସ୍ତାରୋକ ସହିତ ଥାନା ଘେରାଉ

ପାରଳାଖେମୁଣ୍ଡି, (ପି.ଏନ): ଗଜପତି ଏସପି ଯତୀନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ମୋହନାର ବ୍ଲକ ଅଡବା ଥାନା ଅନ୍ତର୍ଗତ ହାଡୁ ପଦର ଗ୍ରାମର କିଛି ଘରେ ପୁଲିସ ଚ଼ଢାଉ କରି ୧୫ କୁଇଣ୍ଟାଲ ଗଞ୍ଜେଇ ଜବତ କରି ୮ ଜଣଙ୍କୁ ଗିରଫ୍ କରିଛି କ୍ଷ ୩୨/୨୫ ରେ ଏକ ମାମଲା ରୁଜୁ କରିଛି। ହାଡୁ ପଦର ଗ୍ରାମ ର ଗିରଫ୍ ବ୍ୟକ୍ତିଙ୍କ ପରିବାର ଏବଂ ଗ୍ରାମର କିଛି ବ୍ୟକ୍ତି ଅଡବା ଥାନା ଘେରାଉ କରିବା ସହିତ ବ୍ରହ୍ମପୁର ରାୟଗଡ଼ା ୩୨୬ ଏର ଜାତୀୟ ରାଜପଥକୁ ଦୀର୍ଘ ୩ ଘଣ୍ଟା ରାସ୍ତାରୋକ କରିଥିଲେ କ୍ଷ ହାଡୁ ପଦର ଗ୍ରାମ ବାସୀ ଙ୍କ କହିବା ଅନୁଯାୟୀ ଗିରଫ୍ ହୋଇଥିବା ବ୍ୟକ୍ତି ମାନେ ଦୋଷୀ ନୁହଁନ୍ତି ତେଣୁ ତାଙ୍କୁ ଛଡା ଯାଉ ନଚେତ୍ ଆନ୍‌ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଥିଲେ। ଦୀର୍ଘ ୩ ଘଣ୍ଟା ପରେ ଆର ଉଦୟଗିରି ଏସ ଡି ପି ଓ ଅମିତାଭ ପଣ୍ଡା ଗ୍ରାମବାସୀଙ୍କୁ ବୁଝାସୁଝାପରେ ରାସ୍ତାରୋକ ହଟିଥିଲା।



ଡଃ ସୁନୀତି ମୁଣ୍ଡ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓ ଓଡ଼ିଶା ବିଜେପିର ପ୍ରତିଷ୍ଠାତା ସଦସ୍ୟ ଡା. ଦେବେନ୍ଦ୍ର ପ୍ରଧାନଙ୍କ ତିରୋଧାନ ପରେ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଡାକ୍ତର ପ୍ରଧାନଙ୍କ ଫଟୋ ଚ଼ିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରୁଛନ୍ତି।

## ମହାକୁମ୍ଭ ୨୦୨୫ରେ ନୁଭୋକୋର ସ୍ୱତନ୍ତ୍ର ପଦକ୍ଷେପ ସାରଥୀ

ଭୁବନେଶ୍ୱର: ଭାରତର ୫ମ ସର୍ବବୃହତ ସିମେଂଟ ଗ୍ରୁପ୍ ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡ ଭାରତର ସବୁଠାରୁ ବଡ ଆଧାତ୍ମିକ ସମାରୋହ ମହାକୁମ୍ଭ ୨୦୨୫ରେ ନିଜର ଅଂଶଗ୍ରହଣ ସମ୍ପର୍କରେ ଘୋଷଣା କରିଛି। ରଣନୈତିକ ଯୋଗଦାନ ଓ ବ୍ୟକ୍ତିଗତ ସେବା ମାଧମରେ ଭକ୍ତ ଏବଂ ଡିଲର, ସବ୍-ଡିଲର ଓ ଇନ୍‌ଫ୍ଲୁଏନ୍ସରଙ୍କ ସମେତ ମୂଲ୍ୟବାନ ଚ୍ୟାନେଲ ପାର୍ଟନରଙ୍କୁ ଏକ ଉନ୍ନତ ଅନୁଭୂତି ଦେବା ପାଇଁ କମ୍ପାନୀର ଏହି ଅଭିଯାନକୁ ପ୍ରସ୍ତୁତ କରାଯାଇଛି। ମହାକୁମ୍ଭ ମେଳା ଅଭିଯାନର ଅଂଶ ଭାବେ ନୁଭୋକୋ ସାରଥୀ ଏକ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଥିବା ପ୍ରୋଗ୍ରାମ ଅଟେ ଯେଉଁଥିରେ ୧୦,୦୦୦ ଏକରରେ ପରିବ୍ୟାପ୍ତ କାର୍ଯ୍ୟକ୍ରମ ପରିସରରେ ପରିଦର୍ଶନ ପାଇଁ ଏକତ୍ରିତ ହୋଇଥିବା ନୁଭୋକୋର ଚ୍ୟାନେଲ ପାର୍ଟନର ଓ ଇନ୍‌ଫ୍ଲୁଏନ୍ସରଙ୍କୁ ସହଯୋଗ କରିବା ପାଇଁ ଡେଡିକେଟେଡ ସପୋର୍ଟ ଷ୍ଟାଫ୍ ସମେତ ଏକ୍ସକ୍ଲୁସିଭ ଲାଉଞ୍ଜ, ବ୍ରାଣ୍ଡେଡ ଇ-ରିକ୍ସା ଆଦି ସାମିଲ ରହିଛି।

# ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି। ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି। କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି। ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପ ହୋଇଥିଲା। କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ। ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ୱଷ୍ଟ ଭାବେ ଜଣାଇଛି। ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା। ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୁପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି। ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କା୍ତିକ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ,ରଜତ କୁମାର ଗିରି, କୌଳାଶ ଚନ୍ଦ୍ର ଜେନା,ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ,ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ,ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି।

## ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି



ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା। ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି। ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ। ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି। ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା। ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ। ପ୍ରତିଟି ଦିନ ଅତିବାହିତ ହେବାସହିତ ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା। ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ। ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ। ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ। ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା। ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା। ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ। ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ। କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ।

## ତାରିଣୀ ମା'ଙ୍କ ବରିଷ୍ଠ ପୂଜକଙ୍କ ଦେହାନ୍ତ

ଗୋଳାବନ୍ଧ(ପିଏନ)-ଘଟଗାଁ ତାରିଣୀ ମନ୍ଦିରର ବରିଷ୍ଠ ପୂଜକ ଦୁର୍ଯ୍ୟୋଧନ ଦେହୁରୀ(୯୮)ଙ୍କ ଆଜି ସକାଳେ ଗୋଳାବନ୍ଧ ସ୍ଥିତ ନିଜ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ବାର୍ଦ୍ଧକ୍ୟ କାରଣରୁ ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ସମସ୍ତ ପୁଅ, ଝିଅ, ନାତି, ନାତୁଣୀମାନେ ଉପସ୍ଥିତ ଥିଲେ। ଅଂଚଳର ବହୁ ବରିଷ୍ଠ ନେତୃବୃନ୍ଦ ଦର୍ଶନ କରିବା ପରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମା'ତାରିଣୀଙ୍କ ବରିଷ୍ଠ ପୂଜକଙ୍କ ମୃତ୍ୟୁ ଖବର ଶୁଣିବା ପରେ ଗୋଳାବନ୍ଧ ଠାରୁ ଆରମ୍ଭ କରି ଘଟଗାଁ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

## କାଦୁଅ ବିଲରେ ଫସି ହାତୀ ଶାବକର ମୃତ୍ୟୁ



କେନ୍ଦୁଝର(ପିଏନ)-ଭୂୟାଁ ଜୁଆଙ୍ଗ ପୀଢ କୁଶକଳା ବିଟ୍ ଅନ୍ତର୍ଗତ ନଡାପାଣି ଗାଁ ବିଲ କାଦୁଅରେ ଫସି ଗୋଟିଏ ୨ବର୍ଷର ହାତୀ ଶାବକର ମୃତ୍ୟୁ ହୋଇଥିବା ଜଣାପଡିଛି। ୯ଟି ହାତୀ ଥିବା ଗୋଟିଏ ଦଳ ଗୁରୁବାର ଦିନ ପାହାଡତଳ ଗାଁ ନଡାପାଣିରେ ରହିଥିଲେ। ଏହି ଦଳରେ ୨ଟି ଦନ୍ତା, ୪ଟି ମାଈ ଓ ୩ଟି ଛୁଆ ହାତୀ ଥିଲେ। ବନବିଭାଗର ସ୍କ୍ୱାର୍ଡ ମଧ୍ୟ ଏହି ଦଳ ଉପରେ ତୀକ୍ଷଣ ନଜର ରଖିଥିଲା। ତେବେ ଭୋର ସମୟରେ ହାତୀ ଦଳ କାଦୁଅ ବିଲ ଦେଇ ଯାଉଥିବାବେଳେ ୨ବର୍ଷର ଶାବକଟି କାଦୁଅରେ ଫସି ଯାଇଥିଲା। ଅନ୍ୟ ହାତୀମାନେ ଶାବକଟିକୁ କାଦୁଅରୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଶୁକ୍ରବାର ସକାଳୁ ସ୍ଥାନୀୟ ଲୋକେ ହାତୀ ଗର୍ଜନ ଶୁଣି ବନବିଭାଗକୁ ଖବର ଦେଇଥିଲେ। ବିଜେପି ରେଞ୍ଜର ମାନସ କୁମାର ମୁର୍ମୁ,ଶୁଆକାଟୀ ଫରେଷ୍ଟର ଟିକେଶ୍ୱର ମହାନ୍ତ ଏବଂ ଅନ୍ୟ ବନ କର୍ମଚାରୀ ଘଟଣାସ୍ଥଳରେ ସକାଳ ୯ଟା ସମୟରେ ପହଁବା ବେଳକୁ ହାତୀ ଶାବକଟିର ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ମିଳିଥିଲା। କେନ୍ଦୁଝର ଡିଏଫଓ ସ୍ୱୟମ ମଲ୍ଲିକ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଥିବାବେଳେ ଶନିବାର ଦିନ ହାତୀ ଶାବକଟିର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।

## ପୁରୀରେ ଖୋଲିଲା ଏଥର ଏନର୍ଜି ଲିମିଟେଡର ପ୍ରଥମ ଏକ୍ସପେରିଏନ୍ସ ସେଂଟର

ପୁରୀ : ଭାରତରେ ଇଲେକଟ୍ରିକ ଦୁଇଚକିଆ ଯାନର ଏକ ଅଗ୍ରଣୀ ନିର୍ମାତା, ଏଥର ଏନର୍ଜି ଲିମିଟେଡ ଓଡିଶାରେ ନିଜର ନେଟ୍‌ୱର୍କ ବିସ୍ତାର କରି ପୁରୀର ବଡଶଙ୍ଖସ୍ଥିତ ଗ୍ରାଣ୍ଡ ରୋଡ଼ଠାରେ ଅବସ୍ଥିତ ଏହାର ପ୍ରଥମ ଏକ୍ସପେରିଏନ୍ସ ସେଂଟର ଏଥର ସ୍ପେଶ୍‌ର ଶୁଭାରମ୍ଭ କରିଛି। ଏହି ଏକ୍ସପେରିଏନ୍ସ ସେଂଟରରେ ଗ୍ରାହକମାନେ ଏଥର ୪୫୦ ପର୍ଫର୍ମାନ୍ସ ସ୍କୁଟର ଓ ଏଥରର ପ୍ରଥମ ଫ୍ୟାମିଲି ସ୍କୁଟର ରିସ୍ତାକୁ କ୍ରୟ କରିପାରିବେ। ଏଥର ଏନର୍ଜିର ବର୍ତମାନ ଓଡିଶାରେ ୯ଟି ଏକ୍ସପେରିଏନ୍ସ ସେଂଟର ରହିଛି। ଏହି ଏକ୍ସପେରିଏନ୍ସ ସେଂଟରରେ ଲୋକମାନେ ସ୍କୁଟରଗୁଡିକ ଉପରେ ବିସ୍ତୃତ ତଥ୍ୟ ପାଇପାରିବେ ଓ ସେଗୁଡିକର ଅନୁଭୂତି ପାଇବା ସହ ଟେଷ୍ଟ ରାଇଡ କରିପାରିବେ। ଡିସେମ୍ବର ୩୧ ତାରିଖ ୨୦୨୪ ସୁଦ୍ଧା ଓଡିଶାରେ ୫୨ଟି ଫାଷ୍ଟ ଚାର୍ଜର ଓ ଭାରତବ୍ୟାପୀ ୨୫୮୩ଟି ଫାଷ୍ଟ ଚାର୍ଜର ସହିତ ଏଥର ଗ୍ରିଡ ହେଉଛି ଭାରତର ସବୁଠାରୁ ବିସ୍ତୃତ ଟୁ ହ୍ୱିଲର ଫାଷ୍ଟ୍ ଚାର୍ଜିଙ୍ଗ ନେଟ୍‌ୱର୍କ। ଏହି ସେଂର୍ଟର ଶୁଭାରମ୍ଭ ଅବସରରେ ଏଥର ଏନର୍ଜି ଲିମିଟେଡ ମୁଖ୍ୟ ବାଣିଜ୍ୟିକ ଅଧିକାରୀ ରବନିତ ସିଂହ ଫୋକେଲା କହିଛନ୍ତି, "ପୁରୀରେ ଆମର ପ୍ରଥମ ଏକ୍ସପେରିଏନ୍ସ ସେଂଟର୍‌ର ଶୁଭାରମ୍ଭ କରି ଆମେ ଉତ୍ସାହିତ।

## କଟକରେ ତିର୍ତୋଲ ନାବାଳିକା ଗଣଦୁଷ୍କର୍ମ ପ୍ରସଙ୍ଗ

# ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ



ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ। ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ। ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ ନାହିଁ। କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ। ବିଶେଷକରି କୁନ୍ଧୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଧୁଲି ପୀଡିତା ଆତ୍ମହତ୍ୟା କରିଥିଲେ। ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଧୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମ୍‌ବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




# ଖରାଦିନରେ କାନ-ନାକ-ଗଳାର ଯତ୍ନ



ଗ୍ରୀଷ୍ମରତୁ ଆସୁ ଆସୁ ତତଲା ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରିପକେଲାଣି। ତତଲା ଖରାକୁ ଅବେଳିଆ କାଳବୈଶାଖୀ ଲୋକମାନଙ୍କ ସ୍ୱାସ୍ଥ୍ୟ ବିଶେଷକରି କାନ-ନାକ-ଗଳା ପରି ଏକ ସମ୍ବେଦନଶୀଳ ଶରୀର ତନ୍ତ୍ରକୁ ଅବ୍ୟବସ୍ଥିତ କରୁଛି। ପ୍ରାୟତଃ ଖରାଦିନକୁ ନେଇ ଲୋକମାନଙ୍କର ତତ୍‌ସମ୍ବନ୍ଧୀ ଅନେକ ରୋଗ ରହିଥାଏ। ଆସନ୍ତୁ ଟିକିଏ ଜାଣିବା ଶରୀର ସବୁଠାରୁ ସ୍ପର୍ଶକାତର ଅଙ୍ଗ ହେଉଛି କାନ। ଖରା ଦିନରେ ତୀବ୍ର ଖରା ଓ ଧୂଳି କାନ ପ୍ରବେଶ କଲେ ସ୍ୱାଭାବିକ ଭାବରେ ନାକ ଓ ଗଳାକୁ ସଂକ୍ରମିତ କରିଥାଏ। ଗରମ ପାଗରେ ଥଣ୍ଡା ଚିକିତ୍ସା କରିବାଦ୍ୱାରା ଏହା ଉପଶମ ପରିବର୍ତ୍ତେ ଅନେକ କ୍ଷତିକାରକ ବା ଘାତକ ସାବ୍ୟସ୍ତ ହୋଇଥାଏ। ଆଜିକାଲି ମୋବାଇଲ ଫୋନର ଇୟର ଫୋନ ଅନେକ ବ୍ୟବହାର କରୁଛନ୍ତି। ଘଣ୍ଟା ଘଣ୍ଟା ଧରି ଏହା କାନରେ ଲାଗି ରହୁଛି। କିନ୍ତୁ ତୀବ୍ର ଖରାରେ ମୁଣ୍ଡରୁ ବୋହୁଥିବା ଝାଳ ଏହି ଇୟର ଫୋନର ତୁଳା ଅଂଶକୁ ପ୍ରଭାବିତ କରି କାନର ଭିତର ଭାଗକୁ ବି ସମସ୍ୟା ଉପୁଯାଇଥାଏ। ଖରା ଦିନରେ ବିଶେଷକରି ଯୁବବର୍ଗ ଆଉ ପିଲାମାନେ ନଦୀ, ପୋଖରୀରେ ବୁଡ଼ି ଗାଧୋଇବାର ଆନନ୍ଦ ଦାୟକ ଅଭ୍ୟାସ ରଖିଥାନ୍ତି କିନ୍ତୁ ଦୂଷିତ ଜଳ କାନ ସଂକ୍ରମଣର ପ୍ରଥମ ବୈଶିଷ୍ଟ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। କେବଳ କାନ ନୁହେଁ ନାକକୁ ବି ଏହା ପ୍ରଭାବିତ କରେ। ଆଗରୁ କାନ-ନାକ-ଗଳାର କୌଣସି ଅସୁବିଧା ଥିଲେ ଖରାଦିନେ ଥଣ୍ଡା ପାଣି ବା ଅନ୍ୟ ବରଫଯୁକ୍ତ ପାନୀୟ ଦ୍ରବ୍ୟ ଏହାର ଯନ୍ତ୍ରଣାକୁ ବଢ଼ାଇବା କାମ କରିଥାଏ। ଉଦୁଉଦିଆ ଖରାରେ ଅନେକ ଜାଗାରେ ଧୂଳି ଓ ବର୍ଜ୍ୟବସ୍ତୁ ପୋଡ଼ା ହେଉଥିବା ପ୍ରଦୂଷଣଯୁକ୍ତ ଧୂଆଁ କାନ ଓ ନାକକୁ ଗଭୀର ଭାବେ ପ୍ରଭାବିତ କରେ। ଉପରୋକ୍ତ ସମସ୍ୟାରୁ ମୁକ୍ତ ରହିବା ପାଇଁ ନିମ୍ନ ଲିଖିତ ଉପାୟମାନ ଅନୁକରଣୀୟ।

ଠିକ୍ ସମୟରେ ଖାଦ୍ୟପେୟ ଖାଇବା, ଉପବାସ ଠାରୁ ଦୂରେଇ ରହିବେ, ଭୋକ ପେଟରେ ରହିବେ ନାହିଁ। ଥଣ୍ଡା ଉପୁଜୁଥିବା ଖାଦ୍ୟଦ୍ରବ୍ୟ ଠାରୁ ଦୂରରେ ରହିବେ ଯଥା ବାଶୀ ପଖାଳ ଖଟା, ଆଇସକ୍ରିମ, ଫ୍ରିଜପାଣି, କୋଲଡ୍ରିଙ୍କସ୍ ଠାରୁ ଦୂରେଇ ରହିବେ। ପଖାଳ ଖାଉଥିବା ଲୋକମାନେ ତୋରାଣି ନପିଇ ପାଣି ପିଇବାର ଅଭ୍ୟାସ ରଖନ୍ତୁ। ଶୋଷ ହେଲେ ଏକାଥରକେ ଦୁଇ ଗ୍ଲାସରୁ ଅଧିକ ପାଣି ପିଅନ୍ତୁ ନାହିଁ ଆବଶ୍ୟକ ପଡ଼ିଲେ ଘଣ୍ଟାଏ ଛାଡ଼ି ପିଇ ପାରିବେ।

ଏହି ଋତୁରେ ପୂର୍ବରୁ ରକ୍ତଚାପ ଥିବା ରୋଗୀ, ସ୍ନାୟୁଜନିତ ବଧିରତାର ଶିକାର ହୁଅନ୍ତି ତେଣୁ ଏହି ରୋଗୀମାନେ ଏହି ସମୟରେ ରକ୍ତଚାପକୁ ନିୟନ୍ତ୍ରଣ ପାଇଁ ଚିକିତ୍ସା ରଖିବା ଉଚିତ। କାନ କୁଣ୍ଡାଇବା ପରି ଆବଶ୍ୟକ କଲେ ଶୋଧିତ ତୁଳାକାଠି ବ୍ୟବହାର କରନ୍ତୁ। ଯେକୌଣସି ଜିନିଷକୁ କାନ ଭିତରେ ପୁରାଇବାର କୁଅଭ୍ୟାସ ଠାରୁ ଦୂରେଇ ରୁହନ୍ତୁ। ସାଧାରଣତଃ ଥଣ୍ଡାରୁ ପ୍ରଭାବିତ ଲୋକମାନେ ରାତିରେ ଶୋଇଲାବେଳେ କାନରେ ତୁଳା ଦେଇ ଶୋଇଲେ ଭଲ। ଥଣ୍ଡାରୁ ପ୍ରଭାବିତ ଲୋକମାନେ ମୁଣ୍ଡ ସଫା କରୁଥିଲେ ଥଣ୍ଡା ଟାବ୍‌ଲେଟ ଖାଇ ଘଣ୍ଟାଏ ପରେ ମୁଣ୍ଡ ସଫା କରିବା ଉଚିତ। ବିଶେଷକରି ଏହି ଖରା ଋତୁରେ ସମସ୍ତ ପ୍ରକାର ନିଶା ଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ ଏବଂ ଥଣ୍ଡା ଖାଦ୍ୟ ଏବଂ ବଜାରର ଫାଷ୍ଟଫୁଡ ଠାରୁ ମଧ୍ୟ ଦୂରେଇ ରହିବାକୁ ଯଥାସମ୍ଭବ ଚେଷ୍ଟା କରିବା ବହୁତ ଭଲ। ଖରାଦିନେ କିଛି କ୍ଷେତ୍ରରେ ସର୍ଦ୍ଦି ରହିଥିଲେ ଏହା ଗଳାକୁ ବି ସଂକ୍ରମଣ କରିବାକୁ ବାଟ କଢ଼ାଏ। ନିୟମିତ ଭାବେ କାନୁ ସଫା ରଖନ୍ତୁ, ଟୁଣୁକା ଟୁଣୁକି କୌଣସି ତେଲ ବା କାଠି କାନ ଭିତରକୁ ପୁରାନ୍ତୁ ନାହିଁ। ଏସବୁ ସତ୍ତ୍ୱେ ଯଦି କାନ-ନାଗ-ଗଳାର ସଂକ୍ରମଣ ହୋଇଥାଏ ତେବେ ତୁରନ୍ତ କର୍ଣ୍ଣ-ନାସା-ଗଳା ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

**ନାରାୟଣ ଚନ୍ଦ୍ର ବିଶ୍ୱାଳ,** ବାକ୍ ଶ୍ରବଣ ବିଶେଷଜ୍ଞ, ଭୁବନେଶ୍ୱର, ଦୂରଭାଷ : ୯୪୩୮୨୭୬୭୬୦

# ସାମ୍ବାଦିକ ଦୀପକ କୁମାର ସିଂହଙ୍କ ମାତୃବିୟୋଗ

ବାଲେଶ୍ୱର (ପିଏନ୍): ବାଲେଶ୍ୱର ଜିଲ୍ଲା ସମ୍ମିଳିତ କର୍ମଜିବୀ ସାମ୍ବାଦିକ ସଂଘର ସକ୍ରିୟ ସଦସ୍ୟ ସାମ୍ବାଦିକ ଦୀପକ କୁମାର ସିଂହଙ୍କ ମାଆ ସୁମିତ ସିଂହ ବୈଶିଙ୍ଗା ମାନଗୋବିନ୍ଦପୁର ସ୍ଥିତ ନିଜ ବାସଭବନରେ ଅସୁସ୍ଥ ଅନୁଭବ ହେବାରୁ ବାଲେଶ୍ୱର ଡାକ୍ତରଖାନା ନେବା ରାସ୍ତାରେ ବୈଶିଙ୍ଗାଠାରେ ତାଙ୍କର ହୃଦଘାତରେ ପରଲୋକ ହୋଇଥିଲା। ବୈଶିଙ୍ଗା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୫୬ ବର୍ଷ ବୟସ ହୋଇଥିଲା। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ସମାଜସେବୀ ହିସାବରେ ମାନଗୋବିନ୍ଦପୁର ପଞ୍ଚାୟତ ତଥା ବୈଶିଙ୍ଗା ଅଞ୍ଚଳରେ ପରିଚିତ ଥିଲେ। ମୃତ୍ୟୁ ଖବର ପାଇ ସେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କ ମରଶରୀର ପାଖରେ ସ୍ୱାମୀ ପୁରୁଷୋତ୍ତମ ସିଂହ, ୨ ପୁତ୍ର ଦୀପକ କୁମାର ସିଂହ ଓ ଅମିତ କୁମାର ସିଂହ, ଏକମାତ୍ର ଝିଅ ଦିପ୍ତିମୟୀ ସିଂ, ଜ୍ୱାଇଁ ପରମେଶ୍ୱର ନାୟକ, ପୁତ୍ରବଧୂ ରଶ୍ମିରେଖା ପାଣିଗ୍ରାହୀ ଓ କଳ୍ପନା ବ୍ରହ୍ମ, ନାତିନାତୁଣୀ ଦିବ୍ୟାଂଶୁ, ପ୍ରାଚୀ, ମେହେକ ଏବଂ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ। ବାଲେଶ୍ୱର ବୈଶିଙ୍ଗା ଅଞ୍ଚଳର ନେତା, ସାମ୍ବାଦିକ, ଡାକ୍ତର, ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଗ୍ରାମବାସୀମାନେ ଶେଷ ଦର୍ଶନ କରିବା ସହିତ ଶୋକାକୁଳ ପରିବାରଙ୍କୁ ସମବେଦନା ଜଣାଇଥିଲେ। ସନ୍ଧ୍ୟାରେ ମାନଗୋବିନ୍ଦପୁର ଗ୍ରାମ ଶ୍ମଶାନରେ ଶବ ସଂସ୍କାର କରାଯାଇଥିଲା।

-ସ୍କୁଲ୍‌କୁ ଯିବୁ, ପାଠ ପଢିବୁ, ଭଲ ମଣିଷ ହେବୁ-

# ଆଦିବାସୀ ପଲ୍ଲୀରେ 'ଆସ ଆମେ ସ୍କୁଲ୍‌କୁ ଯିବା' କାର୍ଯ୍ୟକ୍ରମ





ଭୁବନେଶ୍ୱର (ପିଏନ୍): ଆଜକୁ ଦୁଇବର୍ଷ ହେବ କୋଭିଡ୍ ମହାମାରୀ ଯୋଗୁଁ ବିଦ୍ୟାଳୟରେ ତାଲା ପଡ଼ି ରହିଥିଲା। ଅନ୍‌ଲାଇନ୍ ଶିକ୍ଷା ଦିଆଯାଇଥିଲେ ସୁଦ୍ଧା ବିଦ୍ୟାର୍ଥୀମାନେ ଏହାର ଶତପ୍ରତିଶତ ସୁଫଳ ପାଇପାରି ନଥିଲେ। ଦୁଇବର୍ଷ ମଧ୍ୟରେ ଅନେକଙ୍କ ପାଠ ପଢାରେ ଡ଼ୋରି ବନ୍ଧା ହୋଇଯାଇଛି। ଅନେକ ବିଦ୍ୟାର୍ଥୀ ନିଜ ପିତାମାତାଙ୍କ ସହ ମୂଲ ଲାଗିବା ପାଇଁ ଯାଉଥିବା ବେଳେ ଆଉ କେହି ହାଣ୍ଡିଆ ବିକ୍ରୀ କରିବାକୁ ଯାଉଛନ୍ତି ତ ଆଉ କେହି ଘରକାମ ଓ ରୋଷେଇ କାର୍ଯ୍ୟ କରୁଛନ୍ତି। ବିଦ୍ୟାଳୟ ଖୋଲିଥିଲେ ସୁଦ୍ଧା ବିଦ୍ୟାଳୟକୁ ଯିବା କଥା ସମ୍ପୂର୍ଣ୍ଣ ରୂପେ ବିଦ୍ୟାର୍ଥୀମାନେ ଭୁଲି ଯାଇଛନ୍ତି। ଏହିଭଳି ଅଭାବନୀୟ ଏବଂ କରୁଣ ଦୃଶ୍ୟର ଚିତ୍ର ଦେଖିବାକୁ ମିଳିଛି ଚନ୍ଦକା-ଡମ୍‌ପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ରହିଥିବା ଆଦିବାସୀ ପଲ୍ଲୀ କନ୍ଦଳେଇରେ। ଗାଁର ବିକାଶ ନେଇ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ ସୁଶାନ୍ତ ସାହୁ ବିଦ୍ୟାର୍ଥୀମାନଙ୍କର ଏତାଦୃଶ କାର୍ଯ୍ୟକୁ ଦେଖି ବିଦ୍ୟାର୍ଥୀ ଓ ଅଭିଭାବକଙ୍କ ମଧ୍ୟରେ ସକରାତ୍ମକ ଭାବନା ଜାଗ୍ରତ କରିବା ପାଇଁ ଗାଁରେ ଆୟୋଜନ କରିଛନ୍ତି 'ଆସ ଆମେ ସ୍କୁଲ୍‌କୁ ଯିବା' କାର୍ଯ୍ୟକ୍ରମ। ଗାଁରେ ଥିବା କିଛି ବିଦ୍ୟାର୍ଥୀ ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ସ୍କୁଲ୍‌କୁ ଯିବୁ, ପାଠ ପଢିବୁ, ଭଲ ମଣିଷ ହେବୁ ବୋଲି ଆଗ୍ରହ ପ୍ରକାଶ କରିଛନ୍ତି। ଗାଁ ବାହାରକୁ ଚାଲିଯାଇ ମୂଲ ଲାଗୁଥିବା ବିଦ୍ୟାର୍ଥୀମାନଙ୍କ ସହ ଯୋଗାଯୋଗ କରିବା ପାଇଁ ଗ୍ରାମବାସୀଙ୍କୁ ନିବେଦନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ କନ୍ଦଳେଇ ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଚିତ୍ର କୁମାର ମାଝୀଙ୍କ ସମେତ ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ପ୍ରଦୀପ୍ତ ରଞ୍ଜନ ରାଉତଙ୍କ ଉପସ୍ଥିତିରେ ଅଭିଭାବକ ଓ ବିଦ୍ୟାର୍ଥୀମାନଙ୍କୁ ସଚେତନ କରାଯାଇଥିଲା।

# ସାମ୍ବାଦିକଙ୍କର ସୁରକ୍ଷା ରାଜ୍ୟ ସରକାରଙ୍କ ପ୍ରାଥମିକତା ହେବା ଦରକାର



ଚଣ୍ଡିଖୋଲ (ପିଏନ)- ସାମ୍ବାଦିକଙ୍କର ସୁରକ୍ଷା ରାଜ୍ୟ ସରକାରଙ୍କ ପ୍ରାଥମିକତା ହେବା ଦରକାର ବୋଲି ପ୍ରେସ କ୍ଲବ ଚଣ୍ଡିଖୋଲର ୩୪ତମ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ନିଜନିଜ ବକ୍ତବ୍ୟରେ କହିଥିଲେ। ଗତ ଶନିବାର ସ୍ଥାନୀୟ ବିଜୁ କଲ୍ୟାଣମଣ୍ଡପ ଠାରେ ପ୍ରେସ କ୍ଲବ ଚଣ୍ଡିଖୋଲର ସଭାପତି ପ୍ରଦୀପ୍ତ କୁମାର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ଉଦ୍‌ଘାଟିକା ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ସାମ୍ବାଦିକଂକର ସୁରକ୍ଷା ଆଜିର ଦିନରେ ନିତାନ୍ତ ଆବଶ୍ୟକ ବୋଲି କହିବା ସହ ଆଗାମୀ ଦିନରେ ସେ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଅମର ପ୍ରସାଦ ଶତପଥି ଯୋଗଦେଇ ସାମ୍ବାଦିକଙ୍କ ସହ ରାଜ୍ୟସରକାର ସବୁବେଳେ ଅଛନ୍ତି ଓ ସେମାନଙ୍କର ସୁରକ୍ଷା ପାଇଁ ସରକାର ସର୍ବଦା ଚେଷ୍ଟିତ ବୋଲି କହିଥିଲେ। ସକାରାତ୍ମକ ଓ ସଠିକ ଖବର ପରିବେଷଣ ଉପରେ ସାମ୍ବାଦିକମାନେ ଗୁରୁତ୍ୱ ଦେବା ଦରକାର ବୋଲି ବିଧାୟକ ନିଜ ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ଯୋଗଦେଇ ପୋଲିସ ପ୍ରଶାସନ ସର୍ବଦା ସାମ୍ବାଦିକଙ୍କ ସୁରକ୍ଷା ପ୍ରତି ଯତ୍ନବାନ ଅଛନ୍ତି ଓ ସାମ୍ବାଦିକଙ୍କ ଉପରେ ହେଉଥିବା ଆକ୍ରମଣରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଉଛି ଓ ଆଗାମୀ ଦିନରେ ଏହା ଆହୁରି ଶାଣିତ ହେବ ବୋଲି ସେ କହିଥିଲେ। ତାଙ୍କ ବିଭାଗ ଅଧୀନରେ ଆସୁଥିବା ସମସ୍ତ ଥାନା ଅଂଚଳରେ ସାମ୍ବାଦିକଙ୍କ ଉପରେ ଆକ୍ରମଣରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେଉଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ଚଣା ପଂଚାୟତ ସମିତି ଅଧକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ସୂଂଗୁଡା ସରପଂଚ ଅଞ୍ଜୁଲତା ସ୍ୱାଇଁ, ସମିତି ସଭ୍ୟା ସ୍ନିଗ୍ଧାରାଣୀ ସ୍ୱାଇଁ, ପ୍ରେସକ୍ଲବ ଚଣ୍ଡୀଖୋଲର ବରିଷ୍ଠ ସଭ୍ୟ ବେଣୁଧର ପଣ୍ଡା ପ୍ରମୁଖ ଯୋଗଦେଇ ସାମ୍ବାଦିକଂକର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପ୍ରେସକ୍ଲବ ସମ୍ପାଦକ ଦିଲୀପ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ସାମ୍ବାଦିକ ପ୍ରସନ୍ନ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାମ୍ବାଦିକ ସମରେନ୍ଦ୍ର ମହଲା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀ, ସାମ୍ବାଦିକ ନିର୍ମଳ ଚନ୍ଦ୍ର ସାମଲ ଓ ଚଣ୍ଡିଖୋଲର ବରିଷ୍ଠ ନାଗରିକ କମ୍ରେଡ ଜଟିନ୍ଦ୍ର ଜେନାଙ୍କୁ ଅତିଥିମାନେ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସାମ୍ବାଦିକ ହେମନ୍ତ କୁମାର ଜେନା ଓ ପ୍ରସନ୍ନ କୁମାର ବିଶ୍ୱାଳ ମାନପତ୍ର ପାଠ କରିଥିଲେ। ଏହି ଅବସରରେ କ୍ଲବର ମୁଖପତ୍ର 'ପ୍ରତିନିଧି'କୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଉଦୀୟମାନ କଳା ପରିଷଦର କଳାକାରମାନେ ସ୍ୱାଗତ ସଂଗୀତ ଓ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରିଥିଲେ। କ୍ଲବର ପୁରାତନ ସଭ୍ୟ ଅନିରୁଦ୍ଧ ସାମନ୍ତରାୟ ଓ ସାମ୍ବାଦିକ ହେମନ୍ତ ଜେନାଙ୍କ ଅକାଳ ବିୟୋଗରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ସାମ୍ବାଦିକ ପ୍ରଶାନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ଶିବରାମ ସାହୁ, ଅଭିମନ୍ୟୁ ଧଳ, ନରେନ୍ଦ୍ର ରାଉତ, ମୋହନ ଖିଲାର, ଦେବବ୍ରତ ଦେବତା, ହେମେଶ ଜେନା, ଭାରତ ଭୂଷଣ ପଣ୍ଡା, ପ୍ରତାପ ରାଉତରାୟ, ସୁରେନ୍ଦ୍ର ସାମଲ, ଦିଲୀପ ସାହୁ, ସମରେନ୍ଦ୍ର ସାମଲ, ସେକ ସ୍ୱବିରଦ୍ଦିନ, ପ୍ରତାପ ଗୋଛାୟତ, ମହେଶ୍ୱର ରାଉତ,ଦୀନବନ୍ଧୁ ନାୟକ, ମନୋଜ ସାହୁ, ଦୟାସାଗର ସ୍ୱାଇଁ, ଅନନ୍ତ ସ୍ୱାଇଁ ପ୍ରମୁଖ ନିଜନିଜର ସଂକ୍ଷିପ୍ତ ଭାଷଣ ଦେବା ସହ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

## ସରକାରୀ ଆଇଟିଆଇର ଛାତ୍ରୀ ସୋନାଲୀ ସର୍ବଭାରତୀୟ ଟପର

ବାଲେଶ୍ୱର (ପିଏନ୍)- ସରକାରୀ ଆଇଟିଆଇର ଛାତ୍ରୀ ସୋନାଲୀ ବିଶ୍ୱାଳ (୨୨) ସର୍ବଭାରତୀୟ ସ୍ତରରେ ୯୩ ପ୍ରତିଶତ ନମ୍ବର ରଖି ଟପର ହୋଇଛନ୍ତି। ବସ୍ତା ବ୍ଲକ ନଳବାହାର ଅଞ୍ଚଳର ସଂକର୍ଷଣ ବିଶ୍ୱାଳ ଓ ବାସନ୍ତୀ ବିଶ୍ୱାଳଙ୍କ ଝିଅ ହେଉଛନ୍ତି ସୋନାଲୀ। ବାପା ବ୍ୟବସାୟୀ ହୋଇଥିବା ବେଳେ ମା' ଜଣେ ଗୃହିଣୀ। ସୋନାଲୀ ନଳବାହାର ଗାନ୍ଧିଜୀ ହାଇସ୍କୁଲରେ ୭୫ ପ୍ରତିଶତ ନମ୍ବ ରଖି ପ୍ରଥମ ଶ୍ରେଣୀରେ ଉତ୍ତିର୍ଣ୍ଣ ହେବା ପରେ ବାଲେଶ୍ୱରରେ କଲେଜରୁ ବିଜ୍ଞାନରେ ୫୨ ପ୍ରତିଶତ ଓ ଶାନ୍ତିଲତା ମହାବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ସ୍ନାତକ ପାସ୍ କରି ସରକାରୀ ଆଇଟିଆଇରେ ୱେଲ୍‌ଡିଙ୍ଗ ବିଭାଗରେ ନାମ ଲେଖାଇଥିଲେ। ସର୍ବଭାରତୀୟ ସ୍ତରରେ ଏହି ସଫଳତା ପାଇଁ ସୋନାଲୀଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରଯାଇଛି।

## ନବଜାଗରଣ ବସ୍ତି ବାସିନ୍ଦା ସମ୍ମିଳନ ସଂଘର ସାମ୍ବାଦିକ ସମ୍ମିଳନୀ

ବାଲେଶ୍ୱର (ପିଏନ୍)- ଅଙ୍ଗାରଗଡ଼ିଆ ପମ୍ପ ହାଉସ ବସ୍ତି ବାସିନ୍ଦା ଭାବେ ୨୪ଟି ପରିବାର ୩୫ରୁ ଅଧିକ ବର୍ଷ ହେବ ବସବାସ କରି ଆସୁଛନ୍ତି। କିଛି ମାସ ପୂର୍ବରୁ ଏହି ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇଥିଲା। ପ୍ରଥମେ ଥଇଥାନ ସୁବିଧା କରାଯାଇ ଉଚ୍ଛେଦ କରାଯାଉ ବୋଲି ବସ୍ତି ବାସିନ୍ଦା ଦାବି କରି ଧାରଣା ଦେଇଥିଲେ। ଭୂମିହୀନଙ୍କୁ ସରକାର ଜାଗା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏମାନଙ୍କୁ ଜାଗା ପ୍ରଦାନ କରାଯିବା ନେଇ ପ୍ରତିଶ୍ରୁତି ମଧ୍ୟ ମିଳିଥିଲା। ହେଲେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ସ୍ଥାନ ଉଚ୍ଛେଦ କରାଯିବାକୁ ବସ୍ତି ବାସିନ୍ଦାଙ୍କୁ କୁହାଯାଇଥିଲା। ହେଲେ ଥଇଥାନ ବାବଦରେ ସେମିତି କିଛି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ହାଇକୋର୍ଟ ନିର୍ଦ୍ଦେଶକୁ ନ ମାନି ଜିଲ୍ଲା ପ୍ରଶାସନ ନେଇଥିବା ନିଷ୍ପତ୍ତିକୁ ବସ୍ତି ବାସିନ୍ଦା ବିରୋଧ କରିଛନ୍ତି। ଆଗାମୀ ଦିନରେ ଯାହା ହେବ ସେଥିପାଇଁ ଜିଲ୍ଲାପାଳ, ତହସିଲଦାର, ଆରଆଇ ଦାୟୀ ରହିବେ ବୋଲି ବସ୍ତି ବାସିନ୍ଦା ଚେତାବନୀ ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ପାଇକ ଆଖଡ଼ା ସମାବେଶ

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ନିକଟ ଉଇଲକିଶନ ନଗର (ସାହେବ ନୂଆଗାଁ)ଠାରେ ଖୋର୍ଦ୍ଧା ପାଇକ ଆଖଡ଼ା ସଂଘ ଦ୍ୱାରା ଜିଲ୍ଲାସ୍ତରୀୟ ପାଇକ ଆଖଡ଼ା ସମାବେଶ ଓ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ପାଇକ ଆଖଡ଼ା ସଂଘର ସଭାପତି ଶମ୍ଭୁନାଥ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅତିଥି ରୂପେ ଅଧ୍ୟାପକ ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ, ନିୟୁ ଥିଙ୍କିଙ୍ଗ୍ ଫୋରମ୍‌ର ସଭାପତି ନରେନ୍ଦ୍ର ପୃଷ୍ଟି, ଅଧ୍ୟାପକ ଗୋପାଳକୃଷ୍ଣ ଦାସ, ଖଣ୍ଡାୟତ କ୍ଷତ୍ରୀୟ ମହାସଂଘର ସଭାପତି ଯୋଗିନାଥ ବଳିଆରସିଂହ, ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ଦେବପ୍ରସାଦ ମଜୁମଦାର ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଥମେ ଉକ୍ତ ଗ୍ରାମର ଦିବଂଗତ ପାଇକ ଗୁରୁ ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳ ଓ ଦୀନବନ୍ଧୁ ବିଶ୍ୱାଳଙ୍କ ଫଟୋଚିତ୍ର ତଳେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏ ପାଇକମାନଙ୍କ ତ୍ୟାଗ ଓ ଆତ୍ମ ବଳିଦାନ ଅତୁଳନୀୟ ତାକୁ କେହି କେବେ ଭୁଲିପାରିବା ନାହିଁ। ଗାଁ ଗହଳିରେ ଏବେବି ପାଇକମାନେ ସୁପ୍ତ ଅବସ୍ଥାରେ ଅଛନ୍ତି। ତେବେ ରାଜ୍ୟ ସରକାର ଏଇ ପାଇକ ଆଖଡ଼ା ସଂଘ ପାଇଁ ଘର ସହିତ ପିଲାଙ୍କ ପାଠ୍ୟପୁସ୍ତକରେ ପାଇକ କଳା ପରମ୍ପରାକୁ ସ୍ଥାନିତ କରିବା, ଲୁପ୍ତ ପାଇକ ଆଖଡ଼ାକୁ ଉଜ୍ଜୀବିତ କରିବା ଏହି ସମାବେଶ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଜଣାଇବାକୁ ଏହାର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ପୁରୀ, କଣାସ ପାଇକ ଗୁରୁ ରମେଶ ଚନ୍ଦ୍ର ରାଉତରାୟ, କେଦାରଶ୍ୱର ଜଗଦେ, କେଶବଚନ୍ଦ୍ର ବରାଳ, କରଡ଼ଗାଡ଼ିଆର ବିରଞ୍ଚି କୁମାର ଜଗଦେଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ୩୦ଟି ପାଇକ ଦଳ ନିଜ ପାଇକ କଳା ପ୍ରଦର୍ଶନ କରିଥିଲେ। ଏହି ସମାବେଶ ସଭା ପୂର୍ବରୁ ବିଭିନ୍ନ ଅଞ୍ଚଳରୁ ଆସିଥିବା ପାଇକ ଦଳ ଓ ଅତିଥିମାନେ ଗ୍ରାମର ମା ଅଂଳାଇ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରି ମଶାଲ ଧରି ଏକ ଶୋଭାଯାତ୍ରା ସହିତ ଗ୍ରାମ୍ୟ ପରିକ୍ରମା କରିଥିଲେ। ସମ୍ପାଦକ କବିରାଜ ପ୍ରଧାନଙ୍କ ଆୟୋଜନରେ ମନୋଜ କୁମାର ବିଶ୍ୱାଳ, ରବୀନ୍ଦ୍ର କୁମାର ପ୍ରଧାନ, କେଦାର ସାହାଣୀ, ସୁରେଶ ଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଅନିଲ କୁମାର ପଟ୍ଟନାୟକଙ୍କୁ ରାଜ୍ୟ ଗ୍ରୀନ କମାଣ୍ଡେଂଟ ସମ୍ମାନ

ଖୋର୍ଦ୍ଧା (ପିଏନ୍)- ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସମୂହ ସୁଧାନନ୍ଦ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ଼. ଅନିଲ କୁମାର ପଟ୍ଟନାୟକଙ୍କୁ ରାଜ୍ୟ ଗ୍ରୀନ ଆର୍ମି କମାଣ୍ଡେଂଟ ସମ୍ମାନ ପ୍ରେରଣା ଇଂଟରନ୍ୟାସନାଲ ଗ୍ରୀନ ଆର୍ମି ପକ୍ଷରୁ ପ୍ରଦାନ କରାଯାଇଛି। ସୁଧାନନ୍ଦ କଲେଜ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କେତନ ପଟ୍ଟନାୟକ ସୁଧାନନ୍ଦ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷଙ୍କୁ ଏହି ସମ୍ମାନ ପ୍ରଦାନ କରି କହିଲେ ସୁଧାନନ୍ଦ ଶିକ୍ଷାନୁଷ୍ଠାନର ସବୁଜିମା ପରିବେଶ ଅନ୍ୟତ୍ର ଦୁର୍ଲଭ। ଏହି ପରିବେଶ ପିଲାଙ୍କୁ ପଠନ କ୍ରିୟାରେ ବିଶେଷ ସାହାଯ୍ୟ କରିବ। ଏହି ଉତ୍ସବରେ ମୁଖ୍ୟବକ୍ତା ରୂପେ ପ୍ରେରଣା ଗ୍ରୀନ ଆର୍ମିର କମାଣ୍ଡାଂଟ ଇନ୍ ଚିଫ୍ ଡ଼.ଦିଲ୍ଲୀପ ଶ୍ରୀଚନ୍ଦନ ଯୋଗଦେଇ କହିଲେ ଶିକ୍ଷାନୁଷ୍ଠାନ ଓ ପରିବେଶ ପରସ୍ପର ପରିପୂରକ। ତାର ଜ୍ୱଳନ୍ତ ଉଦାହରଣ ନାଳନ୍ଦା ଶାନ୍ତି ନିକେତନ ସତ୍ୟବାଦୀର ବନ ବିଦ୍ୟାଳୟ ଆଦି। ତେଣୁ ଏହି ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ଅନିଲ କୁମାର ପଟ୍ଟନାୟକ ପରିବେଶ ସୁରକ୍ଷା ଓ ବୃକ୍ଷ ରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ଆମ୍ଭ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯାଇଛି।

# ବାବା ସାହେବ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ପାଳନ

ବାଲେଶ୍ୱର (ପିଏନ୍)- ସମ୍ବିଧାନ ପ୍ରଣୟନ କମିଟିର ମୁଖ୍ୟ, ମହାନ ରାଜନେତା, ଯୁଗଜନ୍ମା, ଭାରତରତ୍ନ ବାବା ସାହେବ ଭୀମରାଓ ରାମଜୀ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ଜିଲ୍ଲା ବିଜେପି ତରଫରୁ ଖୁବ୍ ହର୍ଷୋଲ୍ଲାସର ସହିତ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ଏସସି ମୋର୍ଚ୍ଚାର ଜିଲ୍ଲା ସଭାପତି ମୃତ୍ୟୁଞ୍ଜୟ ଜେନାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ସୋପାନରେ ରେମୁଣା ଗୋଲେଇ ସ୍ଥିତ ବାବା ସାହେବଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିବା ପରେ ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦାନ କରି ବାବା ସାହେବଙ୍କୁ ଶ୍ରଦ୍ଧାସମ୍ମାନ ଅର୍ପଣ କରିବା ସହିତ ତାଙ୍କ ସ୍ମୃତିଚାରଣ ଓ ରାଷ୍ଟ୍ର ପାଇଁ ବାବା ସାହେବଙ୍କ ଅବଦାନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋକପାତ କରାଯାଇଥିଲା। ସାଂସଦ ଶ୍ରୀ ଷଡ଼ଙ୍ଗୀ କ୍ଷୋଭ ପ୍ରକାଶ କରି କହିଥିଲେ ଯେ ସ୍ୱାଧିନତା ପରବର୍ତ୍ତୀ ଦୀର୍ଘ ସମୟ ଧରି କଂଗେସର ଶାସନ କାଳରେ ଦେଶର ମହାପୁରୁଷଙ୍କୁ ଉଚିତ ସମ୍ମାନ ମିଳି ନଥିଲା। ୨୦୧୪ ପରଠାରୁ ମୋଦିଜୀଙ୍କ ନେତୃତ୍ୱରେ ଗଠିତ ସରକାର ଭାରତମାତାଙ୍କ ସୁପୁତ୍ରମାନଙ୍କୁ ଉଚିତ ପ୍ରାପ୍ୟ ସମ୍ମାନ ଦେଇ ଆସୁଛନ୍ତି। ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସଙ୍କ ଦ୍ୱାରା ଆୟୋଜିତ ଏକ ଜଳଛତ୍ରକୁ ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ ଏବଂ ଜନସାଧାରଣଙ୍କୁ ମହାବିଷୁବ ପଣା ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।




# ସମ୍ବଲପୁରର ବୁଢାରାଜାଠାରେ ପ୍ରସାଦ ଜୁଏଲର୍ସର ନୂଆ ଶୋ'ରୁମ ଉଦଘାଟିତ



ସମ୍ବଲପୁର: ୧୯୬୪ରେ ଏହାର ସ୍ଥାପନା ପରଠାରୁ ବିଶ୍ୱାସ ଓ ଗୁଣବତା କ୍ଷେତ୍ରରେ ଏକ ଲୋକପ୍ରିୟ ନାମ ପ୍ରସାଦ ଜୁଏଲର୍ସ ସମ୍ବଲପୁରର ବୁଢାରାଜାଠାରେ ଏସ୍ଆର୍ଆଇଟି କଲୋନି ସମ୍ମୁଖରେ ଏହାର ଗ୍ରାଣ୍ଡ ଫ୍ଲାଗସିପ ଶୋ'ରୁମର ଶୁଭାରମ୍ଭ କରିଛି। ଏହି ଅତ୍ୟାଧୁନିକ ଦୁଇ ମହଲା ବିଶିଷ୍ଟ ଶୋରୁମ ୩୦୦୦ ବର୍ଗଫୁଟ ଅଂଚଳରେ ପରିବ୍ୟାପ୍ତ ରହିଛି ଯାହା ସୂକ୍ଷ୍ମ ଅଳଙ୍କାରଗୁଡିକର ଏକ ବିସ୍ତୃତ ସଂଗ୍ରହକୁ ପ୍ରଦର୍ଶିତ କରୁଛି। ଏହି ଶୋ'ରୁମର ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁରର ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ରଙ୍କ ସମେତ କମ୍ପାନୀର ଅଧ୍ୟକ୍ଷ ଶ୍ରୀ ଅନିଲ ପ୍ରସାଦ ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଏହି ୫ମ ଶୋ'ରୁମ ପ୍ରସାଦ ଜୁଏଲର୍ସ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରୁଛି ଯାହା ରାଉରକେଲାଠାରେ ୨୦୦୦ ବର୍ଗଫୁଟ ଅଂଚଳରେ ପରିବ୍ୟାପ୍ତ ଏକ ଷ୍ଟୋର ସହ ନିଜର ଯାତ୍ରା ଆରମ୍ଭ କରିଥିଲା। ଏହାପରଠାରୁ ପ୍ରସାଦ ଜୁଏଲର୍ସର ସୁନ୍ଦରଗଡ, ଝାରସୁଗୁଡା ଓ ସମ୍ବଲପୁରଠାରେ ଶାଖା ସହ ନିଜର ଉପସ୍ଥିତି ବିସ୍ତାର କରିଛି।

ଏହି ନୂତନ ଶୋରୁମ ବମ୍ବେ, କୋଲ୍‌କାତା, ରାଜକୋଟ, କୋଏମ୍ବାଟୁର, ଟେମ୍ପୁଲ, ଆଂଟିକ, ଡାଇମଣ୍ଡ ଓ ସିଲଭର ଅଳଙ୍କାର ଆଦିର ବିସ୍ତୃତ ସଂଗ୍ରହ ପ୍ରଦାନ କରୁଛି। ଗ୍ରାହକଙ୍କ ବିବିଧ ପସନ୍ଦକୁ ପୂରଣ କରିବା ପାଇଁ ଏହି ଷ୍ଟୋରରେ ଆର୍ଟିଫିସିଆଲ ଜୁଏଲାରୀ ଗୁଡିକର ଏକ ଡେଡିକେଟେଡ ସେକ୍ସନ ରହିଛି ଯାହା ଏହାକୁ ବଜେଟ-ସଚେତନ ଗ୍ରାହକଙ୍କ ପାଇଁ ଏକ ଉପଯୁକ୍ତ ଗନ୍ତବ୍ୟସ୍ଥଳୀରେ ପରିଣତ କରୁଛି।

ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ଶ୍ରୀ ସୌରଭ ପ୍ରସାଦ ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫରଗୁଡିକୁ ଘୋଷଣା କରିଥିଲେ ଯେଉଁଥିରେ ସୁନା ଅଳଙ୍କାର ଉପରେ ୬.୯୯%ର ମେକିଂ ଚାର୍ଜ ସାମିଲ ରହିଛି। ଏହାଛଡା ଟର୍କିସ, ଆଂଟିକ, ଟେମ୍ପୁଲ ଓ ଫ୍ୟାନ୍ସି ଜୁଏଲାରୀ ଉପରେ ଫ୍ଲାଟ୍ ୮.୯୯% ମେକିଂ ଚାର୍ଜ ଉପଲବ୍ଧ ରହିଥିବା ବେଳେ ହୀରା ଅଳଙ୍କାର ଓ ଗୋଲ୍ଡ କଏନ ଉପରେ ଜିରୋ ମେକିଂ ଚାର୍ଜ ରହିଛି। ଆର୍ଟିଫିସିଆଲ ଜୁଏଲାରୀ ଉପରେ ଫ୍ଲାଟ ୨୦%ର ରିହାତି ଉପଲବ୍ଧ ରହିଛି।

ଶ୍ରୀ ସୌରଭ ପ୍ରସାଦ କହିଛନ୍ତି, "ଏହି ଅଫରଗୁଡିକରେ କୌଣସି ସର୍ତ୍ତାବଳୀ ଲାଗୁ ନାହିଁ ଏବଂ ଏହା ଆସନ୍ତା ଫେବୃଆରୀ ୨ ତାରିଖ ୨୦୨୫ ପର୍ଯ୍ୟନ୍ତ ସମସ୍ତ କ୍ରୟ ଉପରେ ବୈଧ ରହିବ। ଆମେ ସମସ୍ତଙ୍କଚ ଏହି ସ୍ୱତନ୍ତ୍ର ଡିଲ୍‌ଗୁଡିକର ଲାଭ ଉଠାଇବା ଓ କ୍ରୟ ଉପରେ ବହୁମାତ୍ରାରେ ସଂଚୟ କରିବା ପାଇଁ ଆବେଦନ କରୁଛୁ।" ସେହିପରି ପରିଚାଳନା ନିର୍ଦ୍ଦେଶକ ଶ୍ରୀ ମୋହିତ ପ୍ରସାଦ ଗ୍ରାହକଙ୍କ ପାଇଁ ଉପଲବ୍ଧ ଅତିରିକ୍ତ ସୁବିଧା ଯେପରିକି ମାଗଣା ସୁନା ପରୀକ୍ଷଣ ସେବା, ଇୟର-ପିୟର୍‌ସିଂ, ୧୦୦% ଏଚ୍‌ୟୁଆଇଡି ହଲ୍‌ମାର୍କ ଗୋଲ୍ଡ କଲେକ୍ସନ, ୧୦୦% ଏକ୍ସଚେଞ୍ଜ ଗ୍ୟାରେଂଟି ଓ ଏକ ଡିଜିଟାଲ ଗୋଲ୍ଡ ଆପ୍ ଆଦିକୁ ହାଇଲାଇଟ୍ କରିଥିଲେ। ସେ କହିଥିଲେ, 'ଆମର ପ୍ରତିବଦ୍ଧତା ହେଉଛି ଗ୍ରାହକଙ୍କୁ ସର୍ବନିମ୍ନ ମୂଲ୍ୟରେ ଅତୁଳନୀୟ ଗୁଣବତା ପ୍ରଦାନ କରିବ। ଏହି ଉତ୍ସର୍ଗୀକୃତତା ଆମକୁ ପଶ୍ଚିମ ଓଡିଶାରେ ସର୍ବୋତମ ଜୁଏଲର ଭାବେ ପରିଚିତ କରାଇଛି ଏବଂ ନୂଆଦିଲ୍ଲୀଠାରେ ଏକ କାର୍ଯ୍ୟକ୍ରମରେ ବଲିଉଡ ଅଭିନେତ୍ରୀ ଶିଲ୍ପା ସେଟ୍ଟୀଙ୍କ ଦ୍ୱାରା ସବୁଠାରୁ ବିଶ୍ୱସନୀୟ ଜୁଏଲାରୀ ସପ୍ ଭାବେ ସ୍ୱୀକୃତି ହାସଲ କରିବାରେ ସାହାଯ୍ୟ କରିଛି।"

ପ୍ରସାଦ ଜୁଏଲର୍ସର ଅଧ୍ୟକ୍ଷ ଶ୍ରୀ ଅନିଲ ପ୍ରସାଦ ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ସମସ୍ତ ବିଶିଷ୍ଟ ବ୍ୟକ୍ତି ଓ ଅତିଥିମାନଙ୍କୁ କୃତଜ୍ଞତା ଜଣାଇଥିଲେ। ସେ ସମ୍ବଲପୁର ଓ ଆଖପାଖ ଅଂଚଳର ଲୋକମାନଙ୍କୁ ଶୋ'ରୁମ ପରିଦର୍ଶନ କରିବା ଏବଂ ବ୍ରାଣ୍ଡର ବିଶ୍ୱାସ ଓ ଉତ୍କର୍ଷତାର ବିରାସତର ଅନୁଭୂତି ପାଇବା ପାଇଁ ଆମନ୍ତ୍ରିତ କରିଛନ୍ତି। ପ୍ରସାଦ ଜୁଏଲର୍ସ କାଳଜୟୀ ଡିଜାଇନ ସହ ପ୍ରତିଯୋଗୀ ମୂଲ୍ୟକୁ ଏକତ୍ରିତ କରି ଏହାର ଗ୍ରାହକଙ୍କୁ ଚମତ୍କାର ମୂଲ୍ୟ ପ୍ରଦାନ କରିବା ପାଇଁ ଏହାର ଲକ୍ଷ୍ୟ ଜାରି ରଖିଛି।

# ବଧିର ବିଦ୍ୟାଳୟରେ ସଙ୍କେତ ମୋ ଭାଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ଭବାନୀପାଟଣା : କଳାହାଣ୍ଡି ଜିଲ୍ଲା ବଧିର ବିଦ୍ୟାଳୟ ଠାରେ ୫ଦିନିଆ ସଂକେତ ମୋ ଭାଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଓଡିଶା ରାଇସିଙ୍ଗ ଫାଉଣ୍ଡେସନ ଭୁବନେଶ୍ୱର ଓ ଭିନ୍ନକ୍ଷମ ସାମାଜିକ ସୁରକ୍ଷା ଏବଂ ସଶକ୍ତିକରଣ ବିଭାଗ ଓଡିଶା ସରକାର, ଇଣଔଘଝଏୀ(ମ) ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ପାଞ୍ଚ ଦିନ ଧରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୨୭ ତାରିଖ ରୁ ୩୧ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। କାର୍ଯ୍ୟକ୍ରମ ର ଲକ୍ଷ୍ୟ ସାଧାରଣ ଲୋକ ଙ୍କ ଭାଷା କୁ ବୁଝିବା ପାଇଁ ସହଜ ହେବ।ବଧିର ମାନେ ଯେକୌଣସି ସାମାଜିକ ସ୍ଥାନ କୁ ଗଲେ ଲୋକ ଙ୍କ ସହ ସହଜରେ ଯୋଗାଯୋଗ କରିପାରିବେ । ଏହି କାର୍ଯ୍ୟକ୍ରମରେ ପ୍ରଜନା ପୂର୍ବସା ତ୍ରିପାଠୀ ଅପରେସନ ଲିଡ୍ କଳାହାଣ୍ଡି ଡଜର, ସମେତ ଧନେଶ୍ୱର ନିଆଳ ରେଡ୍‌କ୍ରସ ବଧିର ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଙ୍କ ସମେତ ଶିକ୍ଷକ, ଶିକ୍ଷୟତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ ।

# ଓୟୁଡବ୍ଲ୍ୟୁଜେର ସଭାପତି ଅସୁସ୍ଥ



ଭୁବନେଶ୍ୱର,(ପି.ଏନ): ଓୟୁଡବ୍ଲ୍ୟୁଜେର ସଭାପତି ଭାଗବତ ତ୍ରିପାଠୀଙ୍କୁ ତାଙ୍କ ଭାସଭବନରେ ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ମହାନ୍ତି ଭେଟିଥିଲେ। ବିଧାନସଭାରେ ଗଣଧାରଣାରେ ବସି ଅଚେତ ହୋଇଯିବା ପରେ ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତା'ପରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଉନ୍ନତ ହେବା ପରେ ଡାକ୍ତରୀ ଦଳ ଚିକିତ୍ସାଳୟରୁ ଘରକୁ ଯିବା ପାଇଁ ଅନୁମତି ଦେଇଥିଲେ। ଏବେ ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି।

# ପାଟପୁର କଲେଜରେ ବାର୍ଷିକ ଉତ୍ସବ ଅନୁଷ୍ଠିତ



ପାଟପୁର : ପାଟପୁର ସ୍ଥିତ ବିଶ୍ୱାସ ରାୟ ବିଜ୍ଞାନ ମହାବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ୨୦୨୪-୨୫ ମହାବିଦ୍ୟାଳୟ ପରିସର ରେ ଅନୁଷ୍ଠିତ ହେଇଥିଲା। ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ମହାରଣା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ନିର୍ବାଚନୀ ମଣ୍ଡଳୀ ର ବିଧାୟକ ରମେଶ ଚନ୍ଦ୍ର ଜେନା, ମୁଖ୍ୟବକ୍ତା ଭାବେ ପୁରୁଷୋତ୍ତମପୁର ସ୍ଥିତ ତାରା ତାରିଣୀ ମହାବିଦ୍ୟାଳୟ ର ଓଡ଼ିଆ ଅଧ୍ୟାପକ ଡ. ପ୍ରବୀର କେଶରୀ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସାନଖେମୁଣ୍ଡି ବ୍ଲକ ଅଧ୍ୟକ୍ଷ ସୀମାଞ୍ଚଳ ପାତ୍ର, ସାନଖେମୁଣ୍ଡି ବ୍ଲକ ଉପାଧ୍ୟକ୍ଷା ରିଙ୍କି ନାହାକ, ଜିଲ୍ଲା ପରିଷଦ ସଦସ୍ୟା ସୁଲତା ରାଣୀ ସ୍ୱାଇଁ, ପାଟପୁର ଗ୍ରାମ ପଞ୍ଚାୟତ ସମିତି ସଭ୍ୟା ସୁଜାତା ସ୍ୱାଇଁ, ରାଧାଦେଇପୁର ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ନୀଳାଞ୍ଚଳ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ଜେନା ଛାତ୍ର ଛାତ୍ରୀ ମାନଙ୍କୁ ଜୀବନ ରେ ସଂଘର୍ଷ ର ମହତ୍ତ୍ୱ ବିଷୟ ରେ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଛାତ୍ର ଛାତ୍ରୀ ଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସୋରଡ଼ା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଡ. ହୃଷିକେଶ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ. କୈଳାଶ ଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ସୁରେନ୍ଦ୍ର ଶବର ବାର୍ଷିକ ବିବରଣୀ ପାଠ କରିଥିଲେ। ଇଂରାଜୀ ଅଧ୍ୟାପକ ତ୍ରିଲୋଚନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକ କ୍ରୀଡ଼ା, ସାଂସ୍କୃତିକ ପ୍ରତିଯୋଗିତା ର ବିଜେତା ମାନଙ୍କୁ ପୁରସ୍କାର ବିତରଣ କରଯାଇଥିଲା। ଅଧ୍ୟାପିକା ଡ. ଶାରଦା, ସରସ୍ୱତୀ ପଣ୍ଡା, ରାଜା ସାଂ, ଶ୍ରୀକାନ୍ତ ସାହୁ, ଦୁଃଖୀଶ୍ୟାମ ରେଡ୍ଡି ଏବଂ ରଞ୍ଜନ ଖୁଣ୍ଟିଆ ଙ୍କ ସହ ସମସ୍ତ କର୍ମଚାରୀ ଉତ୍ସବ ପରିଚାଳନା ରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।

# ଗାଧେଇବାବେଳେ ଗୋଡଖସି ନଦୀରେ ନିଖୋଜ ଯୁବକଙ୍କ ପରଦିନ ଶବ ଉଦ୍ଧାର

କରଞ୍ଜିଆ : ମୟୂରଭଞ୍ଜ ଜିଲ୍ଲା ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଠାକୁରମୁଣ୍ଡା ସ୍ଥିତ ଭିମକୁଣ୍ଡ ବର୍ତ୍ତମାନ ବଣଭୋଜି ନିମନ୍ତେ ଚଳଚଞ୍ଚଳ ରହିଥିବା ବେଳେ ଭୂବନେଶ୍ୱର ସ୍ଥିତ ଜ୍ୟୋତି ମୋଟର୍ସ ମାରୁତୀ ସୋରୁମ ର କିଛି କର୍ମଚାରୀ ଙ୍କ ସହ ଘଟିଯାଇଛି ଏକ ଦୁଃଖଦ ଘଟଣା। ଘଟଣା ଅନୁଯାୟୀ ଭୂବନେଶ୍ୱର ସ୍ଥିତ ଜ୍ୟୋତି ମୋଟର୍ସ ର ୧୫/୧୭ଜଣ ଯୁବକ କର୍ମଚାରୀ ବଣଭୋଜି ନିମନ୍ତେ ଭିମକୁଣ୍ଡ କୁ ଆସିଥିବା ବେଳେ ବଣଭୋଜି ଚାଲିଥିବା ବେଳେ କିଛି ଯୁବକ ବୈତରଣୀ ନଦୀ କୁ ଗାଧେଇବା ପାଇଁ ଅହ୍ଲାଇଥିଲେ। ମାତ୍ର ହଠାତ ଜଣେ ଯୁବକଙ୍କ ଗୋଡ ଖସିଯିବା ଫଳରେ ସେ ନଦୀରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ତେବେ ଉକ୍ତ ଘଟଣାର ସୂଚନା ପାଇବା ପରେ ଠାକୁରମୁଣ୍ଡା ଏଏସଆଇ ଶ୍ରୀ ରତ୍ନାକର ବାରିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ। ତେବେ ଅଗ୍ନିଶମ କର୍ମଚାରୀ ଏବଂ ସ୍ଥାନୀୟ ଲୋକେ ଖୋଜିବା ପାଇଁ ଅନେକ ଚେଷ୍ଟା କରି ମଧ୍ୟ ଅସଫଳ ହୋଇଥିଲେ।



୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
Bhubaneswar Wednesday March 19 ଭୁବନେଶ୍ୱର ବୁଧବାର, ମାର୍ଚ୍ଚ ୧୯, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

## ମହୀଧରପଡା ଲକ୍ଷ୍ମୀନାରାୟଣଦେବଙ୍କର ଝୁଲଣ ଯାତ୍ରା

ଫୁଲନଖରା,(ପି.ଏନ): କଟକ ସଦର ଥାନା ଅନ୍ତର୍ଗତ ମହୀଧରପଡା ଗ୍ରାମର ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ଦେବଙ୍କର ପବିତ୍ର ଝୁଲଣ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ଓ ପ୍ରଥମେ ମହୀଧରପଡା ମେଡିକାଲ ଛକ ତ୍ରିନାଥଗାଦି ନିକଟରେ ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ଦେବ, ରାଧାମାଧବ ଦେବ, ଗୋପୀନାଥ ଦେବ ଓ ହରିଶଙ୍କର ଦେବ ଠିଆ ହୋଇଥିବା ବେଳେ ଅରିଲୋ ଶ୍ରୀ ଶ୍ରୀ ଯୁଗଳକିଶୋର ଦେବ ଆସି ପହଞ୍ଚିବା ମାତ୍ରକେ ୫ ଠାକୁର ଏକା ସଙ୍ଗେ ଭୋଗ ଖାଇ ବିରାଟ ଶୋଭା ଯାତ୍ରାରେ ଖଣ୍ଡାଗର ଗ୍ରାମରେ ବାଜା ବାଣ, ଷଣ୍ଢ,କଳଘୋଡା ଇତ୍ୟାଦି ଗ୍ରାମ ପ୍ରଦର୍ଶନ କରି ଶେଷରେ ନୃସିଙ୍ଗ ମହାନ୍ତିଙ୍କ ଦାଣ୍ଡରେ ସବୁ ଠାକୁର ଭୋଗ ଖାଇସାରି ମହୀଧରପଡା ଗ୍ରାମ ଅତିକ୍ରମ କରି ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣଦେବଙ୍କ ପୀଠରେ ପହଞ୍ଚି ସମସ୍ତ ଦୋଳମାନ ଭୋଗ ଖାଇ ସମସ୍ତେ ନିଜ ଆସ୍ଥାନକୁ ବାହୁଡ଼ିଲା ପରେ ପରେ ଚ଼ିରା ଚ଼ରିତ ପଦ୍ଧାରେ ଶ୍ରୀ ଲକ୍ଷ୍ମୀନାରାୟଣଦେବ ମେଣ୍ଢା କୁଡ଼ିଆ ପୋଡି କରିସାରି ସର୍ବସାଧାରଣଙ୍କ ଦର୍ଶନ ପାଇଁ ଝୁଲଣ ବେଦିରେ ରାତି ୧୨ ପର୍ଯ୍ୟନ୍ତ ବସିରହିଥାନ୍ତି ଓ ପରମ୍ପରା ଅନୁସାରେ ନୂଆ ପାଞ୍ଜି ପଢି ବର୍ଷକର ପାଣିପାଗ ଅବଧାନ ଶୁଣେଇଥାନ୍ତି ଓ ଶହ ଶହ ଦୋକାନ ବଜ଼ାର ସକାଳୁ ରାତ୍ର ୧୨ ପର୍ଯ୍ୟନ୍ତ ଲାଗିରହିଥାଏ ଓ ୮ରୁ୧୦ ହଜାର ଭକ୍ତଙ୍କ ସମାଗମ ହୋଇଥିବାର ଦେଖିବାକୁ ମିଳିଥିଲା ଓ ଶାନ୍ତି ଶୃଙ୍ଖଳା ପାଇଁ ପ୍ରଣବ ପଟ୍ଟନାୟକ, ଅଶୋକ ରଥ,କିଶୋରଚ଼ନ୍ଦ୍ର ଦାଶ, ଦିବାକର ବେହେରା, ଜତିନ୍ଦ୍ର କୁମାର ମହାନ୍ତି, ଅଜୟ କୁମାର ବେଉରା, ବରଦାପ୍ରସାଦ ବେଉରା, ଶୈଳଦାନନ୍ଦ ସାହୁ, ସୌମ୍ୟ ରଞ୍ଜନ ପଟ୍ଟନାୟକ, ନରେଶ ବାରିକ, ସାମ୍ବାଦିକ ଲଳିତ କୁମାର ଦାଶ, ଲକ୍ଷ୍ମୀନାରାୟଣ ଦେବଙ୍କ ମାର୍ଫଦର ବିମଳ କିଶୋର ମହାପାତ୍ର ଓ ନଗରୀ ସରପଞ୍ଚ ନରତମ ଦାସ ପ୍ରମୁଖ ଅଗ୍ରଣୀ ଭୂମିକା ନେଇଥିବା ଦେଖିବାକୁ ମିଳିଥିଲା ଓ ସେହିପରି ଅରଡିଆପଡା ଗ୍ରାମର ମା ବାଲୁଙ୍କେଇ ପୀଠରେ ଓ ମା ନବମଳିକା ଠାକୁରାଣୀଙ୍କ ପୀଠରେ ଠାକୁର ବିମାନମାନ ବିରାଟ ଶୋଭା ଯାତ୍ରାରେ ଆସି ପୀଠରେ ଭୋଗ ଖାଇବା ଦେଖିବାକୁ ମିଳିଥିଲା।

## ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କୁ ବିଜେପିର ଶ୍ରଦ୍ଧାଞ୍ଜଳି



ତାଳଚେର ,(ପି.ଏନ): ତାଳଚେର ଗୁରୁଜାଙ୍ଗୁଲି ଗ୍ରାମ ପଞ୍ଚାୟତ ବଜାର ବିଜେପି କାର୍ଯ୍ୟାଳୟ ରେ ଡାକ୍ତର ଦେବେନ୍ଦ୍ର ପ୍ରଧାନ ଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି ।ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ପ୍ରାକ୍ତନ ବିଜେପି ରାଜ୍ୟ ସଭାପତି ତଥା ଓଡିଶା ବିଜେପି ର ପ୍ରାଣ ପ୍ରତିଷ୍ଠାତା ଡାକ୍ତର ଦେବେନ୍ଦ୍ର ପ୍ରଧାନ ଙ୍କର ଫୋଟ ଚିତ୍ର ରେ ମାଲ୍ୟାର୍ପଣ କରାଯାଇଥିଲା ।ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା ଙ୍କ ନେତୃତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭା ରେ ଗୁରୁଜାଙ୍ଗୁଲି ପଂଚାୟତ ର ବିଜେପି କାର୍ଯ୍ୟକର୍ତା ମାନେ ଯୋଗ ଦେଇଥିଲେ ।ଡାକ୍ତର ଚାକିରୀ ଛାଡି ରାଷ୍ଟ୍ରବାଦୀ ବିଚାର ରେ ଅଭିବୃତ ହୋଇ ବିଜେପି ପାଇଁ ସେ ଯେଉଁ କାର୍ଯ୍ୟ କରିଛିଁ ଏବଂ ଓଡିଶା ପାଇଁ ସେ କେନ୍ଦ୍ରମନ୍ତ୍ରୀ ଥିବା ସମୟରେ ୧୬୦୦ କିମି ଜାତୀୟ ରାଜପଥ ନିର୍ମାଣ କରି ଦଳ ମତ ନିର୍ବିଶେଷରେ ସର୍ବଜନ ଆଦୃତ ହୋଇ ପାରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ପ୍ରାକ୍ତନ ସରପଞ୍ଚ ସଂୋଷ ମହାଁ, ସୁଶା‘ ଦାସ, ପ୍ରଦୀପ ସାମଲ, ଭୁବନ ବେହେରା, ତପନ ତ୍ରିପାଠୀ, ପିଁଙ୍କୁଲ ପଟ୍ଟନାୟକ, ଇଲୁ ସାହୁ, ଅଖିଳ ବେହେରକ୍ଷ, ନିରନ ପରିଡ଼ା, ସମୀର ବିଶୋଇ, ସତ୍ୟଜିତ୍ ମହାଁ, ସୀବ ରଥ ,ଶିବ ରାମ ଦେହୁରୀ ,ଚରଣ ବେହେରା, ଫାଲୁଗୁନି ଦାସ ଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

## ପାରାଦୀପ ବନ୍ଦର ପକ୍ଷରୁ ଆନ୍ତର୍ଯ୍ୟାତିୟ ମହିଳା ଦିବସ ପାଳିତ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଆନ୍ତର୍ଯ୍ୟାତିୟ ମହିଳା ଦିବସ ମଙ୍ଗଳବାର ଦିନ ପାଳିତ ହୋଇଯାଇଛି । ବନ୍ଦର ର ବିଭିନ୍ନ ବିଭାଗରେ କାର୍ଯ୍ୟରତ ମହିଳା ଙ୍କ ଅତୁଳନୀୟ ଅବଦାନ, ସେମାନଙ୍କ ସମ୍ମାନ ଅକ୍ଷୁର୍ଣ୍ଣ ରଖିବା, ନାରୀ ସଶକ୍ତିକରଣ, ଲିଙ୍ଗଗତ ସମାନତା ପାରାଦୀପ ବନ୍ଦରର ପ୍ରତିବଦ୍ଧତା କୁ ଦର୍ଶାଉଛି କ୍ଷ ଏହି ଅବସରରେ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବନ୍ଦର ପରିଚ଼ାଳନା ଏବଂ ସମାଜର ବିଭିନ୍ନ କ୍ଷେତ୍ରରେ ମହିଳା ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ କ୍ଷ ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର କାର୍ଯ୍ୟରତ ମହିଳା ସେଲ ର ସଚ଼ିବ ଓ ସଂଯୋଜକ କ୍ୟାପ୍ଟେନ ଏ.ସି.ସାହୁ, ଆଇସିଏସଏସଆର ର ଶ୍ରୀମତୀ ସ୍ୱର୍ଣ୍ଣମୟୀ ତ୍ରିପାଠୀ, ସମାଜସେବୀ ଶ୍ରୀମତୀ ତାପସୀ ପ୍ରହରାଜ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ମହିଳା ସଶକ୍ତିକରଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ର ବିଷୟବସ୍ତୁ ଥିଲା 'ସମସ୍ତ ମହିଳା ଙ୍କ ଅଧିକାର, ସମାନତା, ସଶକ୍ତିକରଣ'।

## କେନ୍ଦ୍ରାପଡା କଲେଜରେ ମାଇଁ ଏନସିସି ଆଲୁମ୍ନିନି ଆସୋସିଏସନର ପାନୀୟ ଜଳ ପ୍ରକଳ୍ପ ଉଦଘାଟିତ




କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅକାମି ହୋଇ ପଡିଥିବା ଶୁଦ୍ଧ ପାନୀୟଜଳ ପ୍ରକଳ୍ପକୁ ମାଇଁ ଏନସିସି ଆଲୁମିନି ଆସୋସିଏସନ ପକ୍ଷରୁ କାର୍ଯ୍ୟକ୍ଷମ କରାଯାଇଛି। ଏହି ପ୍ରକଳ୍ପକୁ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଉଦଘାଟନ କରଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅଭିଜିତ ବୋଷ ଉପସ୍ଥିତ ଥିଲେ। ମାଇଁ ଏନସିସି ଆଲୁମିନି ଆସୋସିଏସନର ଏଭଳି ନିସ୍ୱାର୍ଥପର ସେବାମୂଳକ କାର୍ଯ୍ୟକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ର ଓ ଅଧ୍ୟକ୍ଷ ପ୍ରଫେସର ବୋଷ ସ୍ୱାଗତ କରିବା ସହ ସାଧୁବାଦ ଜଣାଇଛନ୍ତି। ଏହି ପାନୀୟଜଳ ପ୍ରକଳ୍ପଟି ବହୁଦିନ ଧରି ଅଚଳ ହୋଇପଡିଥିଲା। ତେଣୁ ଆସୋସିଏସନ କଲେଜର ଛାତ୍ରଛାତ୍ରୀମାନଙ୍କ ବୃହ□ର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅଧ୍ୟକ୍ଷଙ୍କ ଅନୁମତି କ୍ରମେ ପାନୀୟଜଳ ପ୍ରକଳ୍ପଟିର ମରାମତି କରାଇବା ସହ ଏହାର ରକ୍ଷଣାବେକ୍ଷଣ ଦାୟୀତ୍ୱ ମଧ୍ୟ ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଏନସିସି ବାଳିକା ବିଭାଗର ଏ.ଏନ.ଓ. କ୍ୟାପଟେନ ସୀମା ମହାନ୍ତି,ଏନସିସି ବାଳକ ବିଭାଗର ଏ.ଏନ.ଓ. ସତ୍ୟରଞ୍ଜନ ମିଶ୍ର, ଆସୋସିଏସନର ସମ୍ପାଦକ ଚିନ୍ମୟ କୁମାର ବିଶ୍ୱାଳ, ସଦସ୍ୟ ଶ୍ରୀକାନ୍ତ ପୋଥାଳ, ଅନୁପ କୁମାର ରାଉତ, ଦେବବ୍ରତ ସ୍ୱାଇଁ, ଲିଟୁ ରିୟାଜଉଦ୍ଦିନ ମହମ୍ମଦ, ସବ୍ୟସାଚୀ ମହାରଣା, ଦେବାଶିଷ ପରିଡା, ବର୍ଷା ପ୍ରିୟଦର୍ଶିନୀ ମିଶ୍ରଙ୍କ ସମେତ କ୍ୟାଡେଟମାନେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ସ୍ୱାର୍ଥ ନିମନ୍ତେ ଆଗାମୀ ଦିନରେ ଏହିଭଳି ମହତ କାର୍ଯ୍ୟକ୍ରମ ସବୁ କରାଯିବ ବୋଲି ଆସୋସିଏସନର ସମ୍ପାଦକ ଶ୍ରୀ ବିଶ୍ୱାଳ କହିଛନ୍ତି।




## ୟୁଜିସ୍ ଡ୍ରାଫ୍ଟ୍-୨୦୨୫ ପ୍ରତିବାଦରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ବିଧାନ ସଭା ଘେରାଉ



ଭୁବନେଶ୍ୱର, (ପି.ଏନ): ଆଜି ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଡ୍ରାଫ୍ଟ୍ ୟୁଜିସି ରେଗୁଲେସନ ୨୦୨୫ ପ୍ରତିବାଦରେ ଏବଂ ବିଶେଷ କରି ଛାତ୍ରମାନଙ୍କର ସମସ୍ୟା ପ୍ରସଙ୍ଗରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ ନେତୃତ୍ୱରେ ବିଧାନସଭା ଘେରାଉ କରିଥିଲେ। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ଛାତ୍ର କଂଗ୍ରେସ ବାହାରି ବିଧାନ ସଭା ଅଭିମୁଖେ ଅଗ୍ରସର ହେଉଥିବାବେଳେ ଲୋୟର ପିଏମ୍‌ଜି ଠାରେ ପୁଲିସ୍ ସହିତ ଧସ୍ତାଧସ୍ତି ହୋଇଥିଲା। ଛାତ୍ର କଂଗ୍ରେସ କର୍ମୀମାନେ ପୁଲିସ୍ ବାରିକେଟ ଭାଙ୍ଗି ବିଧାନସଭାରୁ ଅଗ୍ରସର ହେଉଥିଲା ସମୟରେ ପୁଲିସ୍ ଛାତ୍ରକଂଗ୍ରେସ କର୍ମକର୍ତା ଏବଂ ନେତୃମଣ୍ଡଳିକୁ ଭ୍ୟାନ ଯୋଗେ ଉଠାଇନେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପିସିସି ସଭାପତି ଶ୍ରୀ ଭକ୍ତଚରଣ ଦାସ କହିଥିଲେ ଯେ ୨୦୧୪ ମସିହା ଠାରୁ କ୍ରମାଗତ ଭାବରେ ଶିକ୍ଷା ଏବଂ ଶିକ୍ଷାନୁଷ୍ଠାନ ଉପରେ ମୋଦୀ ସରକାରଙ୍କ ଆକ୍ରମଣ ହେଉଛି। ଜାତୀୟ ଶିକ୍ଷା ନୀତି ୨୦୨୦ ଯାହାକି ମୋଦୀ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଛି ତାହା କେବଳ ଶିକ୍ଷାର ଘରୋଇକରଣ ଏବଂ କେନ୍ଦ୍ରୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ। ଏହି ନୀତି କାର୍ଯ୍ୟକାରୀ ହେବା ପରେ ସ୍କୁଲ ଫି ବୃଦ୍ଧି, ବଜେଟରେ ଉଚ୍ଚଶିକ୍ଷାର ଅନୁଦାନ କାଷ୍ଟ, ସଂରକ୍ଷଣରେ ଉଦାସିନତା, ଯଥାର୍ଥ ଓ ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ଦମନ ଏବଂ ଶିକ୍ଷାନୁଷ୍ଠାନରେ ଆରଏସ୍ଏସ୍ ନୀତିର ପ୍ରଭାବ ବୃଦ୍ଧି ପାଉଥିବାର ପରିଲେକ୍ଷିତ ହେଉଛି। ଯାହାଫଳରେ ଗରୀବ ଏବଂ ଅସହାୟ ଛାତ୍ରମାନଙ୍କ ପାଇଁ ଶିକ୍ଷାନୁଷ୍ଠାନମାନଙ୍କର ବନ୍ଦ ହୋଇଯାଉଛି। ଏହି ସରକାରର ନୀତି ଏବଂ ଉଦ୍ଦେଶ୍ୟ ବିଷୟରେ ଆମେ ସମସ୍ତେ ଅବଗତ। ସରକାରୀ ଉଦ୍ୟୋଗ, ରେଳବାଇ, ବିମାନବନ୍ଦର, ବନ୍ଦର, ଜଙ୍ଗଲ, ପାହାଡ଼ ଏବଂ ଖଣିକୁ ଆଦାନୀ ଓ ଅମ୍ବାନୀ ହାତରେ ଶାଗମାଛ ଦରରେ ଟେକିଦିଆଯାଉଛି। ସେହିଭଳି ସରକାରୀ ଚାକିରୀରେ ବିକ୍ରୟ ମଧ୍ୟ ହେଉଛି। ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ସୀମା ଟପିଛି। ଏହିଭଳି ନୀତିର ପରିଣାମରେ ବେକାରୀ ବୃଦ୍ଧି ହେଉଛି, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଗୁଡ଼ିକ ବନ୍ଦ ହୋଇଯାଉଛି ଏବଂ ଆତ୍ମହତ୍ୟା ବଢ଼ିଚାଲିଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ କହିଲେ ଯେ ଆରସ୍ଏସ୍ ଏବଂ ବଡ଼ବଡ଼ ଉଦ୍ୟୋଗ ପତି ହାତରେ ଆମର ବିଶ୍ୱବିଦ୍ୟାଳୟଗୁଡ଼ିକୁ ଟେକି ଦେବା ପାଇଁ ସରକାର ଷଡ଼ଯନ୍ତ୍ର କରୁଛନ୍ତି। ସେଥିନିମନ୍ତେ ଡ୍ରାଫ୍ଟ ୟୁଜିସି ରେଗୁଲେସନ-୨୦୨୫ ପ୍ରସ୍ତୁତ ହୋଇଛି। ଯାହାର ଉଦ୍ଦେଶ୍ୟ ହେଉଛି ବିଶ୍ୱବିଦ୍ୟାଳୟଗୁଡ଼ିକ ଉପରେ କିପରି ଆରଏସ୍ଏସ୍ ଏବଂ ଉଦ୍ୟୋଗ ପତିମାନଙ୍କର ପ୍ରଭୁତ୍ୱ ଜାହିର ହେବ। ଏହା ପ୍ରଣୟନ ହେଲେ ବହୁତ ପରିବର୍ତନ ହୋଇଯିବ। ନୂଆ ୟୁଜିସି ଡ୍ରାଫ୍ଟ୍ ଅନୁଯାୟୀ ଆବଶ୍ୟକୀୟ ଶିକ୍ଷା ଯୋଗ୍ୟତା ନ ଥାଇ ଜଣେ କଲେଜ କିମ୍ବା ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଭାବେ ନିଯୁକ୍ତି ପାଇପାରିବ। ଏହାର ଅର୍ଥ ଜଣେ ପିଏଚ୍‌ଡ଼ି କିମ୍ବା ରିସର୍ଚ୍ଚ ଅଭିଜ୍ଞତା ବିନା ଚୟନ ହୋଇ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରିବ। କଠିନ ପରିଶ୍ରମ ସତ୍ତ୍ୱେ ଅବହେଳିତ ବର୍ଗର ଛାତ୍ରଛାତୀମାନେ ସେମାନଙ୍କର ନ୍ୟାର୍ଯ୍ୟ ଅଧିକାର ସିଟ୍ ପାଇବାରୁ ବଂଚିତ ହେବେ। ଆର୍‌ଏସ୍‌ଏସ୍‌ର କର୍ମକର୍ତା ଓ କର୍ପୋରେଟ୍ ଚାକିରୀରେ ଲାଭବାନ ହେବେ। ଏହି ଡ୍ରାଫ୍ଟରେ ସ୍ଥାନ ସଂରକ୍ଷଣ ସଂପର୍କରେ ସୂଚନା ନାହିଁ ଏବଂ ଅମେ ସମସ୍ତେ ଜାଣୁଯେ ଆଦିବାସୀ, ଦଳୀତ ଓ ପଛୁଆବର୍ଗର ପ୍ରତିନିଧିତ୍ୱ କର୍ପୋରେଟ ଜଗତରେ ଆଦୌନାହିଁ। ଏଥିସହ ଏହି ନିୟମ ଦୃଷ୍ଟାନ୍ତମୂଳକ ଭାବେ ଶିକ୍ଷାର ମାନଙ୍କୁ କ୍ଷୁର୍ଣ୍ଣ କରିବ। ପୂର୍ବରୁ ଭାଇସ୍‌ଚାନସେଲର ନିଯୁକ୍ତିରେ ପ୍ରମୁଖ ଭାବେ ଶିକ୍ଷା ଅଭିଜ୍ଞତା ଗୁରୁତ୍ୱ ଯାଉଥିବାବେଳେ ଏହି ଡ୍ରାଫ୍ଟ୍ ସେହି ପ୍ରକ୍ରିୟାକୁ ଉଚ୍ଛେଦ କରୁଛି। ଏବେ ଯେ କୌଣସି କର୍ପୋରେଟ୍‌ରର ନାମୀ ବ୍ୟକ୍ତି ଭାଇସ୍‌ଚାନ୍‌ସେଲର ଭାବେ ନିଯୁକ୍ତି ରହିପାରିବେ। ଏବଂ ସେମାନଙ୍କ ହାତରେ ବିଶ୍ୱବିଦ୍ୟାଳୟ ଗୁଡ଼ିକର ସମସ୍ତ ଦାୟିତ୍ୱ ଦିଆଯିବ। ଏପରିକି ବିଭିନ୍ନ ରାଜ୍ୟସରକାର ନିଜ ବିଶ୍ୱବିଦ୍ୟାଳୟମାନଙ୍କରେ ଭାଇସ୍‌ଚାନସେଲର ନିଯୁକ୍ତି ଦେଇପାରିବେ ନାହିଁ। ସବୁ କିଛି ରାଜ୍ୟପାଳଙ୍କ ହାତରେ ରହିବ। ଉଚ୍ଚ ପ୍ରଶାସନିକ ପଦବୀରେ ବିଭିନ୍ନ କର୍ପୋରେଟର କାର୍ଯ୍ୟନିର୍ବାହୀମାନେ ସିଧାସଳଖ ନିଯୁକ୍ତି ପାଇବାର ନିୟମ ପ୍ରଣୟନ ହୋଇସାରିଛି। ଏପରିକି ଚାରୋଟି ବଡ଼ କର୍ପୋରେସନ ଗୁଡ଼ିକ ଆମର ମନ୍ତ୍ରଣାଳୟଗୁଡ଼ିକୁ ପରିଚାଳନା କରୁଥିବାର ଉଦାହରଣ ରହିଛି। ଯେତେବେଳେ ସରକାରୀ ନୀତି ଘରୋଇ କମ୍ପାନୀ ଦ୍ୱାରା ପ୍ରସ୍ତୁତ ହେବ, ସେଥିରେ କାହାର ସ୍ୱାର୍ଥ ପ୍ରାଧାନ୍ୟ ପାଇବ, ତାହା ଜଳଜଳ ହୋଇ ଦିଶୁଛି। ୟୁଜିସି ଏହା ତାଲିକାର ଉଚ୍ଛେଦ କରାଯାଇଛି। ଯାହାକି ଭାରତୀୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ଗୁଣାତ୍ମକ ଗବେଷଣାମୂଳକ ପତ୍ରିକାର ଏକ ଚିଠା କରାଯାଇଥିଲା। ଯାହାଫଳରେ ଗୁଣାତ୍ମକ ଗବେଷଣାମୂଳକ ପତ୍ରିକାକୁ ଚାପି ଦିଆଯାଇ ଅର୍ଥବିନିମୟରେ ନକଲି ପତ୍ରିକା ସବୁ ବାହାର କରାଯାଉଛି।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray